ବର୍ଷ-୨୫, ସଂଖ୍ୟା-୨୩୭
ଭୁବନେଶ୍ୱର
୦୪, ସେପ୍ଟେମ୍ବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 237
Bhubaneswar
04, September, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରେସ୍ତୋରାଁ ବନ୍ଦ କଲେ ଶିଳ୍ପା ସେଟ୍ଟୀ



# ଜିଏସ୍‌ଟିରେ ସବୁଠୁ ବଡ଼ ସଂସ୍କାର

## ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ

**ନୂଆଦିଲ୍ଲୀ,୩।୯(ମହାଭାରତ):** ଜିଏସଟି ପରିଷଦର ୫୬ତମ ବୈଠକରେ ଆଜି ବହୁତ ବଡ଼ ନିଷ୍ପତ୍ତି ନିଆଯାଇଛି। ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ୨୦୧୭ ପରେ ଜିଏସ୍‌ଟିର ସବୁଠାରୁ ବଡ଼ ସଂସ୍କାର ଜିଏସ୍‌ଟି ୨.୦ ଘୋଷଣା କରିଛନ୍ତି। ଏହି ସରଳୀକୃତ ଦୁଇହାର ଗଠନ (୫% ଓ ୧୮%) ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଓ ଅଟୋମୋବାଇଲ୍‌ର ଦାମ୍ ହ୍ରାସ କରିବ, ଯେତେବେଳେ ସୌଖୀନ ଓ ତମାଖୁ ଜାତୀୟ ଦ୍ରବ୍ୟ ପାଇଁ ୪୦% ନୂଆ ଟିକସ ସ୍ଲାବ୍ ପ୍ରବର୍ତ୍ତନ ହୋଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଏସଟି ସ୍ଲାବକୁ ହ୍ରାସ କରି କେବଳ ଦୁଇଟି କରାଯାଇଛି। ଏବେ ସାରାଦେଶରେ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ୍ ଲାଗୁ ହେବ। ୧୨ ଓ ୨୮ ପ୍ରତିଶତ ସ୍ଲାବକୁ ବନ୍ଦ କରିଛନ୍ତି କେନ୍ଦ୍ର ସରକାର। ଏହି ନୂତନ ସ୍ଲାବ ଆସନ୍ତା ୨୨ ତାରିଖରୁ ଲାଗୁ ହେବ। ବିଶେଷ କରି ସୌଖୀନ ଓ ତମାଖୁ ଜାତ ସାମଗ୍ରୀ ଉପରେ ୪୦% ସ୍ଲାବ୍ ଲାଗୁ ହୋଇଥିବାବେଳେ ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ।

ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସାଧାରଣ ଲୋକଙ୍କୁ ଧ୍ୟାନରେ ରଖି ଏହି ସଂସ୍କାର କରାଯାଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉପରେ ଲାଗୁ ହୋଇଥିବା ପ୍ରତ୍ୟେକ ଟିକସର ସମୀକ୍ଷା କରାଯାଇଛି ଏବଂ ଅଧିକାଂଶ କ୍ଷେତ୍ରରେ ହାରକୁ ବ୍ୟାପକ ଭାବରେ ହ୍ରାସ କରାଯାଇଛି। ଏଥିରେ ଚାଷୀ ଏବଂ କୃଷି କ୍ଷେତ୍ର ସହିତ ସ୍ୱାସ୍ଥ୍ୟ କ୍ଷେତ୍ର ମଧ୍ୟ ଉପକୃତ ହେବେ। ବିଶେଷ କରି ରୁଟି, ପରଟା, ଛେନା ପନିର ଉପରେ କୌଣସି ଟିକସ ରହିବ ନାହିଁ। ପାସ୍ତା, ଚକୋଲେଟ, କଫି ଉପରେ ୧୮% ବଦଳରେ ୫% ଟିକସ ଲାଗୁ ହେବ। ଏୟାର କଣ୍ଡିସନର, ଟିଭି, ଛୋଟ କାର ଏବଂ ମୋଟରସାଇକେଲ ଉପରେ ୧୮% ଟିକସ ଲାଗୁ ହେବ।ସେହିପରି ଯେଉଁ ସାମଗ୍ରୀ ଉପରେ ଜିଏସଟି ୫%କୁ ହ୍ରାସ କରାଯାଇଛି। ସେଗୁଡ଼ିକ ମଧ୍ୟରେ କେଶ ତେଲ, ଟଏଲେଟ୍ ସାବୁନ୍, ସାମ୍ପୁ, ଟୁଥବ୍ରସ୍, ଟୁଥପେଷ୍ଟ, ସାଇକେଲ, ରୋଷେଇ ଘରର ସାମଗ୍ରୀ, ନମକିନ, ଭୁଜିଆ, ସସ୍, ପାସ୍ତା, ଚକୋଲେଟ୍, କଫି ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଅନ୍ତର୍ଭୁକ୍ତ। ଏହା ସହ ୩୩ଟି ଜୀବନ ରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟିକୁ ଶୂନ୍ୟ କରାଯାଇଛି।



**ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ:** ଚୁଟି ତେଲ, ସାବୁନ, ଶାମ୍ପୁ, ଟୁଥ୍‌ବ୍ରଶ୍ ଓ ସାଇକେଲ୍ ଏବେ ୧୮%ରୁ ୫% ଟିକସ ଦେବ। କ୍ଷୀର, ପନୀର ଓ ଭାରତୀୟ ରୁଟି ଜିଏସ୍‌ଟିରୁ ମୁକ୍ତ, ଅର୍ଥାତ୍ ୫%ରୁ ଶୂନ୍ୟ। ନମକୀନ, ଭୁଜିଆ, ସସ୍, ପାସ୍ତା, କର୍ଣ୍ଣଫ୍ଲେକ୍ସ, ମାଖନ ଓ ଘିଅ ଏବେ ୫% ସ୍ଲାବ୍‌ରେ। ୩୩ଟି ଜୀବନ ରକ୍ଷାକାରୀ ଔଷଧ ୧୨%ରୁ ଶୂନ୍ୟ ଏବଂ ଚଷମା ଓ ଗଗଲ୍‌ସ ୨୮%ରୁ ୫% ଟିକସ ଦେବ।

**ଅଟୋମୋବାଇଲ୍ ଓ ଗୃହ ନିର୍ମାଣରେ ରିହାତି:** ସିମେଣ୍ଟର ଟିକସ ୨୮%ରୁ ୧୮% ହେବ ୩୫୦ ସିସିରୁ କମ୍ ମୋଟରସାଇକେଲ, ତିନିଚକିଆ ଓ ଛୋଟ କାର ୨୮%ରୁ ୧୮% ଏବଂ ବସ୍, ଟ୍ରକ୍ ଓ ଆମ୍ବୁଲାନ୍ସ ମଧ୍ୟ ୧୮% ସ୍ଲାବ୍‌ରେ ସମସ୍ତ ଅଟୋ ପାର୍ଟସ୍ ଏକୀକୃତ ୧୮% ଟିକସ ଦେବ।**ସୌଖୀନ ଦ୍ରବ୍ୟରେ ୪୦% ଟିକସ:** ପାନ ମସଲା, ସିଗାରେଟ, ଗୁଟଖା, ଚିନିଯୁକ୍ତ ଏରେଟେଡ୍ ଜଳ, କ୍ୟାଫେନେଟେଡ୍ ଓ ଫଳଭିତ୍ତିକ ପାନୀୟ ଏବଂ ମାଧ୍ୟମ ଓ ବଡ଼କାର, ୩୫୦ ସିସି ଉପରେ ମୋଟରସାଇକେଲ, ୟାଟ୍ ଓ ବ୍ୟକ୍ତିଗତ ବିମାନ ଉପରେ ୪୦% ସିନ୍ ଟ୍ୟାକ୍ସ ଲାଗୁ ହେବ।**ହସ୍ତଶିଳ୍ପ ଓ ମୁଖ୍ୟ ଶିଳ୍ପକୁ ପ୍ରୋତ୍ସାହନ:** ହସ୍ତଶିଳ୍ପ, ମାର୍ବଲ, ଗ୍ରାନାଇଟ୍ ବ୍ଲକ୍ ଓ ଚମଡ଼ା ମଧ୍ୟବର୍ତ୍ତୀ ସାମଗ୍ରୀରେ ଟିକସ ୧୨%ରୁ ୫% ହେବ ନାଚୁରାଲ୍ ମେନ୍ଥଲ୍ ମଧ୍ୟ ୫% ସ୍ଲାବ୍‌ରେ।

ସିମେଣ୍ଟ ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ। ୩୩ଟି ଜୀବନରକ୍ଷକ ଔଷଧ ଏବଂ ଔଷଧ ଉପରେ ଜିଏସଟି ୧୨% ରୁ ଶୂନକୁ ହ୍ରାସ ଏବଂ ୩ଟି ଜୀବନରକ୍ଷକ ଔଷଧ ଏବଂ କର୍କଟ, ବିରଳ ରୋଗ ଏବଂ ଅନ୍ୟାନ୍ୟ ଗୁରୁତର ଦୀର୍ଘକାଳୀନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଉପରେ ୫% ରୁ ଶୂନକୁ ହ୍ରାସ। ଅନ୍ୟାନ୍ୟ ସମସ୍ତ ଔଷଧ ଏବଂ ଔଷଧ ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ। ଚିକିତ୍ସା, ଶଲ୍ୟଚିକିତ୍ସା, ଦନ୍ତ କିମ୍ବା ପଶୁଚିକିତ୍ସା ବ୍ୟବହାର ପାଇଁ କିମ୍ବା ଭୌତିକ କିମ୍ବା ରାସାୟନିକ ବିଶ୍ଳେଷଣ ପାଇଁ ବ୍ୟବହୃତ ବିଭିନ୍ନ ଚିକିତ୍ସା ଉପକରଣ ଏବଂ ଉପକରଣ ଉପରେ ଜିଏସଟି ୧୮% ରୁ ୫% କୁ ହ୍ରାସ। ୱେଡିଂ ଗଜ୍, ବ୍ୟାଣ୍ଡେଜ୍, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ରିଏଜେଣ୍ଟ, ରକ୍ତ ସର୍କରା ମନିଟରିଂ ସିଷ୍ଟମ୍ (ଗ୍ଲୁକୋମିଟର୍) ଚିକିତ୍ସା ଉପକରଣ ଇତ୍ୟାଦି ବିଭିନ୍ନ ଚିକିତ୍ସା ଉପକରଣ ଏବଂ ଯୋଗାଣ ଉପକରଣ ଉପରେ ଜିଏସଟି ୧୨% ରୁ ୫% କୁ ହ୍ରାସ। ୩୫୦ସିସି ସହ ସମାନ କିମ୍ବା ତା'ଠାରୁ କମ୍ ଛୋଟ କାର ଏବଂ ମୋଟରସାଇକେଲ୍ ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ। ବସ୍, ଟ୍ରକ୍, ଆମ୍ବୁଲାନ୍ସ ଇତ୍ୟାଦି ଉପରେ ଜିଏସଟି ୨୮% ରୁ ୧୮% କୁ ହ୍ରାସ।

# ଶ୍ରୀମନ୍ଦିର ସୁରକ୍ଷା ପାଇଁ ନୂଆ ସବ୍‌କମିଟି ଗଠନ



**ପୁରୀ,୩।୯(ମହାଭାରତ):** ନିଳାଦ୍ରୀ ଭକ୍ତ ନିବାସ ଠାରେ ବୁଧବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯିବା ସହ ବୈଠକ ଅନୁଷ୍ଠିତ ହୋଇଥିଯାଇଛି। କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକରେ ଶ୍ରୀମନ୍ଦିର ସୁରକ୍ଷା, ସବକମିଟି ଗଠନ, ତତ୍ତ୍ୱ ଓ ଗବେଷଣା, ସେବକ କଲ୍ୟାଣ, ଜମିଜମା ସମସ୍ୟା, ନୀତି ସମନ୍ୱୟ, ଧାଡି ଦର୍ଶନ ଓ ଅଦିନିଆ ରଥଯାତ୍ରା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ନୂତନ ଭାବେ ଏକ ସବକମିଟି ଗଠନ କରାଯାଇଛି। ନୂଆ କମିଟିକୁ ପାଂଚ ଜଣ ସେବକ ମନୋନୀତ ହୋଇଛନ୍ତି। ରଥଯାତ୍ରାର ବିଭିନ୍ନ ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହୋଇଥିଲା। ନୂଆ କମିଟିର ପ୍ରଥମ ବୈଠକରେ ୧୪ଟି ସବକମିଟି ଗଠନ ହୋଇଛି। ଅର୍ଥ,ନୀତି, ରତ୍ନଭଣ୍ଡାର, ଅପିଲ, ତତ୍ତ୍ୱ ଗବେଷଣା,ସେବକ କଲ୍ୟାଣ, ଲ୍ୟାଣ୍ଡ, ପ୍ରକଳ୍ପ ବୈଷୟିକ, ପ୍ରକଳ୍ପ ସାଂସ୍କୃତିକ, ଏଷ୍ଟାବିଲସମେଣ୍ଟ ଏଥିସହ ଅନ୍ୟାନ୍ୟ ସବକମିଟି ଗଠନ କରାଯାଇଛି। ବିଶେଷକରି ନାଟମଣ୍ଡପ ଠାରେ ଧାଡି ଦର୍ଶନକୁ ନେଇ ଅଧିକ ସମୟ ଆଲୋଚନା ହୋଇଥିଲା। ପରୀକ୍ଷା ମୂଳକ ଭାବେ କିଛି ଦିନ ଧାଡି ଦର୍ଶନ କରାଯିବ। ନୀତି ଯେପରି ବିଭ୍ରାଟ ନହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବ। ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇପରବର୍ତ୍ତି ନିଷ୍ପତ୍ତି ନିଆଯିବ। ଧାଡିରେ ବରିଷ୍ଠ ଭକ୍ତ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଦିବ୍ୟାଙ୍ଗ ଭକ୍ତ ମାନେ ଉତ୍ତରଦ୍ୱାର ରାମ୍ପ ଦେଇ ମନ୍ଦିର ଭିତର ପ୍ରବେଶ କରିବେ। ଏଥିପାଇଁ ସ୍ୱତନ୍ତ୍ର ଏନଜିଓ ସହଯୋଗ କରିବେ। ଅଦିନିଆ ରଥଯାତ୍ରା ସମ୍ପର୍କରେ ଆଲୋଚନା ହୋଇ ଇସ୍କନକୁ ଜଣାଇ ଦିଆଯିବ। ଶ୍ରୀଜଗନ୍ନାଥ ଧାମ କେବଳ ପୁରୀକୁ ବୁଝାଇଥାଏ। ଏହି ଶବ୍ଦ ଅନ୍ୟ କେହି ବ୍ୟବହାର ନକରିବା ପାଇଁ ଆଲୋଚନା ହୋଇଥିଲା। ଅଦିନିଆ ରଥଯାତ୍ରା ସମ୍ପର୍କରେ ୬ ତାରିଖ ଦିନ ଗଜପତି ମହାରାଜା ଗଣମାଧ୍ୟମକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ମତାମତ ଦେବେ। ସଂସଦ ଭବନରେ ତିନି ରଥର ତିନୋଟି ଚକ ସ୍ଥାପନ ବିଷୟରେ ଆଲୋଚନା ହୋଇଥିଲା। ଏହାସହ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ଓ ପରିଚାଳନା କମିଟିର ନୂତନ ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଡିଶା ଡିଜିପିଙ୍କୁ ଏନଏଚଆରଏସ୍ ନୋଟିସ୍

**ନୂଆଦିଲ୍ଲୀ,୩।୯(ପିଆଇବି):** ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଏକ ଗଣମାଧ୍ୟମ ରିପୋର୍ଟର ସ୍ୱତଃ ସଂଜ୍ଞାନ ନେଇଛନ୍ତି, ଯେଉଁଥିରେ ଦର୍ଶାଯାଇଥିଲା ଯେ ୨୯ ଅଗଷ୍ଟ, ୨୦୨୫ ରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ଅଂଚଳରେ ଜଣେ ସାମ୍ବାଦିକଙ୍କୁ ଜନୈକ ନିଶାଶକ୍ତ ବ୍ୟକ୍ତି ଅନେକ ଥର ଛୁରାମାଡ଼ କରିଥିଲେ। ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାରୁ ସେ ଏହି ଆକ୍ରମଣ କରିଥିଲେ। ପୀଡିତ ସାମ୍ବାଦିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କମିଶନ କହିଛନ୍ତି ଯେ, ଯଦି ଏହି ଖବର ସତ୍ୟ ତେବେ ଏହା ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ ଅଟେ। ତେଣୁ, କମିଶନ ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ତଦନ୍ତର ସ୍ଥିତି ଏବଂ ଆହତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୂଚନା ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି।୩୦ ଅଗଷ୍ଟ, ୨୦୨୫ରେ ପ୍ରସାରିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଘଟଣା ସାମ୍ବାଦିକ ଏବଂ ଅଂଚଳର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

# ନକ୍ସଲ ମୁକ୍ତ ନ ହେବା ଯାଏଁ ଶାନ୍ତିରେ ବସିବୁ ନାହିଁ : ଶାହା

**ନୂଆଦିଲ୍ଲୀ,୩।୯(ମହାଭାରତ):** ବୁଧବାର ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରାପଡ଼ି ନାହାନ୍ତି ବା ନିପାତ ନହେବା ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସିବେ ନାହିଁ। ଛତିଶଗଡ଼ର କାରେଗୁଟ୍ଟା ପାହାଡ଼ରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ଏବଂ 'କୋବ୍ରା' ବାହିନୀର ସୁରକ୍ଷାକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତକୁ ନକ୍ସଲମୁକ୍ତ କରିବା ପାଇଁ ପ୍ରତିବଦ୍ଧ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ନିପାତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୋଦୀ ସରକାର ବିଶ୍ରାମ ନେବେ ନାହିଁ।' ଶାହ କହିଛନ୍ତି ଯେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ମନେ ରଖାଯିବ।



ସେ କହିଛନ୍ତି ଯେ ଆଇଇଡିର ବିପଦ ସତ୍ତ୍ୱେ, ସୁରକ୍ଷା ବାହିନୀ କଠିନ ମନୋବଳ ସହିତ ଅପରେସନ୍ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍ କ୍ୟାମ୍ପକୁ ସଫଳତାର ସହିତ ଧ୍ୱଂସ କରିଥିଲେ। ଗୃହମନ୍ତ୍ରୀ କହିଛନ୍ତି ଯେ କାରେଗୁଟ୍ଟା ପାହାଡ଼ରୁ ନକ୍ସଲମାନଙ୍କ ସାମଗ୍ରୀ ଷ୍ଟୋର ଏବଂ ଯୋଗାଣ ଶୃଙ୍ଖଳାକୁ ଛତିଶଗଡ଼ ପୋଲିସ, ସିଆରପିଏଫ, ଡିଆରଜି ଏବଂ କୋବ୍ରା ଯବାନମାନେ ସାହସର ସହିତ ଧ୍ୱଂସ କରିଥିଲେ। ଶାହା କହିଛନ୍ତି ଯେ ନକ୍ସଲବାଦୀମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ବାଧା ଦେଇଛନ୍ତି।

ସେ କହିଛନ୍ତି ଯେ ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଯୋଗୁଁ, ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ 'ନୂତନ ସୂର୍ଯ୍ୟୋଦୟ' ଘଟିଛି। ଶାହ ଏହା ମଧ୍ୟ କହିଛନ୍ତି ଯେ ମୋଦୀ ସରକାର ନକ୍ସଲ ବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷା କର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି। ସେ କହିଛନ୍ତି ଯେ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦକୁ ମୂଳୋତ୍ପାଟନ କରିବାକୁ ପ୍ରତିବଦ୍ଧ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି କେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,୩।୯(ମହାଭାରତ):** ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଯାଇଛି। ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ। ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା।



ଏହି ଅବସରରେ ଶ୍ରୀ ପ୍ରଧାନ +୨ ପର୍ଯ୍ୟନ୍ତ ପାଠ ପଢିନଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି।ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍। ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ।

# କୌଣସି ନଦୀରେ ବନ୍ୟା ନାହିଁ

**ଭୁବନେଶ୍ୱର,୩।୯(ମହାଭାରତ):** ରାଜ୍ୟରେ ବର୍ଷା ସ୍ଥିତି ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଲଗାଣ ବର୍ଷା ଲାଗି ରହିଛି, ହେଲେ କୌଣସି ନଦୀରେ ବନ୍ୟା ନାହିଁ। ଯେଉଁ ଅଧିକ ବର୍ଷା ଆକଳନ ହୋଇଥିଲା ସେପରି ହେଲାନି। ଆଖୁଆପଦାରେ ବୈତରଣୀ ସତର୍କ ସଂକେତ ଉପରେ ଅଛି। ହେଲେ ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବନି। ଗତକାଲି ୧୬ଟି ବ୍ଲକ୍ ମୁଖ୍ୟାଳୟରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି। ଅଧିକ ବର୍ଷା ହେଲେ ବାଲେଶ୍ୱର ଭଳି ଅନ୍ୟ ସହରରେ ପାଣି ଜମା ହୋଇପାରେ। ହୀରାକୁଦର ୬ ଗେଟ, ରେଙ୍ଗାଲିର ଗୋଟେ ଗେଟ ଖୋଲା ଅଛି। ଆଜି ବୈତରଣୀ, ତଳ ବ୍ରାହ୍ମଣୀ ଓ ତଳ ମହାନଦୀରେ ଅଧିକ ବର୍ଷା ଆକଳନ କରାଯାଇଛି।

# ଓମଫେଡ୍ ଓ କୋରାପୁଟ କଫି କାଫେ ଉଦ୍‌ଘାଟନ

**ନୂଆଦିଲ୍ଲୀ,୩।୯(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ଏକ ଓମଫେଡ କାଫେ ଏବଂ କୋରାପୁଟ କଫି କାଫେର ଉଦ୍‌ଘାଟନ କରିଛନ୍ତି। ଏହି କାଫେ ଦିଲ୍ଲୀରେ ବସବାସ କରୁଥିବା ଓଡିଆ ଲୋକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଅନ୍ୟ ଗ୍ରାହକମାନଙ୍କୁ ମଧ୍ୟ ସେବା ଯୋଗାଇ ଦେବ।

ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭାବ ବିନିମୟ କରି କହିଥିଲେ ଯେ, ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଭାଇ ଭଉଣୀମାନେ ଏବେ ଓମଫେଡ୍ ଦ୍ରବ୍ୟର ସ୍ୱାଦ ଉପଭୋଗ କରିପାରିବେ। ଏହାର ଅନୁପମ ସ୍ୱାଦ ଜନ୍ମମାଟି ସହ ଯୋଡ଼ି ହୋଇ ରହିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ ଯେ, ଓମଫେଡ୍ କାଫେକୁ ଦିଲ୍ଲୀବାସୀ ଓ ଅନ୍ୟ ରାଜ୍ୟର ଅଧିବାସୀ ମଧ୍ୟ ଆଦର କରିବେ। ଏହା ସହ କୋରାପୁଟ କଫିର ଚାହିଦା ନିଶ୍ଚୟ ବୃଦ୍ଧି ପାଇବ ବୋଲି କହିଥିଲେ ଓଡ଼ିଶା ନିବାସରେ ଏହି ପଦକ୍ଷେପ ପାଇଁ ରେସିଡେଣ୍ଟ କମିଶନର ଏବଂ ବିଭାଗୀୟ ଅଧିକାରୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ପୁରୀ ଶ୍ରୀମନ୍ଦିରରେଓମଫେଡ୍ ଘିଅ ବ୍ୟବହାର ହେବା ପରଠାରୁ ଏହାର ବିଶ୍ୱସନୀୟତା ବଢ଼ିଛି। ଓମଫେଡ୍ ବ୍ରାଣ୍ଡ ତାହାର ଗୁଣବତ୍ତା, ପବିତ୍ରତା ଓ ସ୍ୱାଦ ପାଇଁ ବେଶ ପରିଚିତ ବିଭିନ୍ନ ଓଡ଼ିଆ। ସଂଗଠନ ପକ୍ଷରୁ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମଫେଡ୍ ଘିଅର ଉପଲବ୍ଧତା ପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲା। ଏବେ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମଫେଡ୍ ଘିଅ ବ୍ୟବହାର କରିବାରେ କୌଣସି ସମସ୍ୟା ରହିବ ନାହିଁ।

ସୂଚନାଯୋଗ୍ୟ, ଲୋକଙ୍କ ସରକାର ରାଜ୍ୟର ଦୁଗ୍ଧ ଚାଷୀ ଏବଂ ଦୁଗ୍ଧ ଉତ୍ପାଦକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଓମଫେଡ୍‌ରେ ସଂସ୍କାର ଆଣିଛି। ଦୁଗ୍ଧଚାଷୀମାନେ ଯୁକ୍ତିସଙ୍ଗତ ଦରରେ ଓମଫେଡ୍‌କୁ ଦୁଗ୍ଧ ବିକ୍ରି କରନ୍ତି ଏବଂ ସେହି ଦୁଗ୍ଧର ଉଚ୍ଚ ଗୁଣବତ୍ତା ରକ୍ଷା କରି ଉପଭୋକ୍ତାଙ୍କ ପାଖରେ ଦ୍ରବ୍ୟ ପହଞ୍ଚାଇ ପାରୁଛି। ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା, ଦୁଗ୍ଧ ଉତ୍ପାଦକମାନଙ୍କର ସହଯୋଗ ଏବଂ ଓମଫେଡ୍‌ର ନିଷ୍ଠାପର ପ୍ରୟାସ ପାଇଁ ଏହା ସମ୍ଭବ ହୋଇପାରିଛି।

ଏହି କାଫେରେ ପନିର, ବଟର, ଘିଅ, ରାବିଡ଼ି, ଲସି, ଫ୍ଲେଭର ମିଲ୍କ, ଗୁଣ୍ଡଦୁଗ୍ଧ, ସାଦା ଓ ମିଠା ଦହି, ପେଡା, ଗୋଲାପ ଜାମୁ, ହଳଦି,ଏ୨ ଦୁଗ୍ଧ ପରି ଓମଫେଡ ଉତ୍ପାଦ ଉପଲବ୍ଧ ହେବ। ଓମଫେଡର ୧୦ ପ୍ରକାରର ଆଇସକ୍ରିମ୍ ମଧ୍ୟ ଏଠାରେ ଉପଲବ୍ଧ ହେବଓମଫେଡ ଗୁଣବତ୍ତା ରକ୍ଷା କରି ଜନସାଧାରଣଙ୍କ ପାଇଁ ଉତ୍ପାଦ ପ୍ରସ୍ତୁତ କରୁଛି। ତେଣୁ ଆଗାମୀ ଦିନରେ ଓମଫେଡ ଉତ୍ପାଦ ଅନ୍ୟ ରାଜ୍ୟରେ ମଧ୍ୟ ବିକ୍ରି ହେବାର ସୁଯୋଗ ସୃଷ୍ଟି କରାଯିବ ଓମଫେଡ ଓଡ଼ିଶାର ଗୋପାଳକଙ୍କ ନିଜସ୍ ସଂଗଠନ ଓମଫେଡର ବୃଦ୍ଧିରେ ରାଜ୍ୟର ଗୋପାଳକ ମାନେ ଲାଭବାନ ହେବେ।

## ଓଡିଆ ସମୁଦାୟଙ୍କୁ ଓଡ଼ିଶା ସହ ଯୋଡ଼ି ରଖିବାରେ ସହାୟକ ହେବ : ମୁଖ୍ୟମନ୍ତ୍ରୀ

ଗୋପାଳକଙ୍କ ଆୟକୁ ବହୁଗୁଣିତ କରିବା ଲକ୍ଷ୍ୟରେ ଆମ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଗୋପାଳନର ବିକାଶ ଦିଗରେ ଏପରି ଯୋଜନା ଆଗରୁ କେବେ ହୋଇନଥିଲା। ରାଜ୍ୟର ଗୋପାଳକମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଏବେ ସଶକ୍ତ ହୋଇପାରୁଛନ୍ତି।

ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ ବା ଓମଫେଡ୍ ଦୀର୍ଘ ୪୫ ବର୍ଷ ହେଲା ରାଜ୍ୟର ଲକ୍ଷ ଲକ୍ଷ ଗୋପାଳକଙ୍କୁ ନିରନ୍ତର ଭାବେ ପ୍ରୋତ୍ସାହିତ କରିଆସୁଛି।ଏହାସହିତ ରାଜ୍ୟର ଅଗଣିତ ଗ୍ରାହକଙ୍କୁ ଉତ୍ତମମାନର ଦୁଗ୍ଧ ସହ ଅନ୍ୟାନ୍ୟ ଦୁଗ୍ଧଜାତ ଉତ୍ପାଦ ଯୋଗାଇ ଆସୁଛି। ରାଜ୍ୟର ଆର୍ଥିକ ବିକାଶ କ୍ଷେତ୍ରରେ ଓମଫେଡର ପ୍ରମୁଖ ଭୂମିକା ରହିଛି। ଓମଫେଡର ଲକ୍ଷ ଲକ୍ଷ ଦୁଗ୍ଧ ଉତ୍ପାଦକ ଗୋପାଳନ କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ଓ ସଶକ୍ତ ହୋଇପାରିଛନ୍ତି।

# ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବ ପୋଲିସ

**ଭୁବନେଶ୍ୱର,୩।୯(ମହାଭାରତ):** ବାଣୀବିହାର ବିଶ୍ୱବିଦ୍ୟାଳୟ ଅଶାନ୍ତ ଘଟଣା। ଗତକାଲି ରାତିର ଘଟଣାକୁ ନେଇ ପ୍ରତିକ୍ରିୟା ରଖିଲେ ପୋଲିସ କମିଶନର ଏସ ଦେବଦତ୍ତ ସିଂ।କାହିଁକି କ୍ୟାମ୍ପସ ଅଶାନ୍ତ ହେଉଛି ସେନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ।କ୍ୟାମ୍ପସ ଉପରେ ପୋଲିସ ନଜର ରଖିଛି। ଗତକାଲି ଘଟଣା ହେଉଛି ବାଣୀବିହାରର ଇଂଟରନାଲ ମ୍ୟାଟର। କର୍ତ୍ତୃପକ୍ଷଙ୍କ ଇଂଟରନାଲ ମ୍ୟାଟରକୁ ନେଇ ଯେଉଁ ଅଭିଯୋଗ କରିବେ ସେ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆଇନ ଶୃଙ୍ଖଳା ଉପରେ ପୋଲିସ ନଜର ରଖିଛି ବୋଲି ପୋଲିସ କମିଶନର ସୂଚନା ଦେଇଛନ୍ତି।

ବାଣୀବିହାର ଘଟଣାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ବାଣୀବିହାର ଘଟଣାରେ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଅଣଛାତ୍ର ହୁଅନ୍ତୁ କିମ୍ବା ଶୈକ୍ଷିକ ବାତାବରଣ ରଖୁ ନଥିବା ଯେ କୌଣସି ବ୍ୟକ୍ତି ବିଶେଷ ହୁଅନ୍ତୁ ସେମାନଙ୍କ ଉପରେ ବିଧି ଅନୁସାରେ, ବିଶ୍ୱ ବିଦ୍ୟାଳୟର ନିୟମ ଅନୁସାରେ ଯାହା ଆବଶ୍ୟକ ତାହା କରିବେ। ଛାତ୍ର ସଂସଦ ନିର୍ବାଚନକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ସରକାର ପୂର୍ବରୁ ବି କହି ସାରିଛନ୍ତି ସେହି ଅନୁଯାୟୀ ଆମେ ବି ସକରାତ୍ମକ ଅଛୁ।

# ଖୁବଶୀଘ୍ର ସମ୍ବଲପୁର ମହାନଗର ନିଗମ ନିର୍ବାଚନ

**କଟକ,୩।୯(ମହାଭାରତ):** ସମ୍ବଲପୁର ପୌର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ଏ ସଂପର୍କିତ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପୌର ନିଗମର ୱାର୍ଡ ସଂରକ୍ଷଣ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ୫୦%ରୁ ଅଧିକ ୱାର୍ଡ ସଂରକ୍ଷିତ ବର୍ଗଙ୍କ ପାଇଁ ରଖାଯାଇ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିବା ସହିତ ସାନି ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସଂରକ୍ଷଣ ୫୦% ସୀମା ଭିତରେ ରଖି ଓ ସୁପ୍ରିମକୋର୍ଟଙ୍କ ରାୟ ପାଳନ କରି ୬ ସପ୍ତାହ ଭିତରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଅଜୟ କୁମାର ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ସମ୍ବଲପୁର ପୌର ନିଗମ ନିର୍ବାଚନ ପାଇଁ ବାଟ ପଥ ପରିଷ୍କାର ହୋଇଛି। ସମ୍ବଲପୁର ପୌର ନିଗମ ହେବା ପରେ ନିର୍ବାଚନ ପାଇଁ ପ୍ରକାଶିତ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ୫୦%ରୁ ଅଧିକ ୱାର୍ଡ ସଂରକ୍ଷିତ ବର୍ଗଙ୍କ ପାଇଁ ରଖାଯାଇଥିବା ଅଭିଯୋଗ ନେଇ ୨୦୧୫ରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ଏହି ବିଜ୍ଞପ୍ତି ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ୧୦ ବର୍ଷ ହେବେ ସମ୍ବଲପୁର ପେର ପରିଷଦ ନିର୍ବାଚନ ହୋଇପାରୁନଥିଲା।୧୨ ବର୍ଷ ତଳେ ସମ୍ବଲପୁର ପାଇଥିଲା ମହାନଗର ନିଗମ ମାନ୍ୟତା। ୨୦୧୩ ନଭେମ୍ବର ୧୫ରେ ଘୋଷଣା ହୋଇଥିଲା ସମ୍ବଲପୁର ମହାନଗର ନିଗମ। ଘୋଷଣା ପରେ ବି ହୋଇପାରିନି ମହାନଗର ନିଗମ ନିର୍ବାଚନ। ମହାନଗର ନିଗମର ପରିସୀମା ୩୦୩ ସ୍କୋୟାର କିଲୋମିଟର। ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୩ ଲକ୍ଷ ୩୫ ହଜାର ୭୬୧। ୭୮ ହଜାର ୮୦୩ ଘର ସହ ରହିଛି ୪୧ଟି ୱାର୍ଡ।

# ବେସନ ଲଡ୍ଡୁ



***ସାମଗ୍ରୀ:***

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

***ପ୍ରଣାଳୀ:***

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡ୍ଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡ୍ଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

## ଖବର

# ଇତିହାସ ରଚିଲା ଫିଲ୍ମ 'ଲଭ୍ ଇନ୍ ଭିଏତନାମ'



ବିଶ୍ୱର ଅନେକ ଦେଶ ପରି, ଚୀନରେ ମଧ୍ୟ ହିନ୍ଦୀ ଫିଲ୍ମ ପାଇଁ ଏକ କ୍ରେଜ୍ ରହିଛି । କିଛି ହିନ୍ଦୀ ଫିଲ୍ମ ଚୀନରେ ବହୁତ ଭଲ ବ୍ୟବସାୟ ମଧ୍ୟ କରିଛି । ବଲିଉଡରେ ଏକ ସିନେମା ଅଛି ଯାହା ଚୀନ ଯୋଗୁଁ ରୋଜଗାରର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି । ସେହିଭଳି, ଅବନୀତ କୌର ଏବଂ ଶାନ୍ତନୁ ମିଶ୍ରଙ୍କ ଫିଲ୍ମ 'ଲଭ୍ ଇନ୍ ଭିଏତନାମ' ଧମାକା ସୃଷ୍ଟି କରିଛି । ଏହା ଚୀନରେ ୧୦,୦୦୦ ସ୍କ୍ରିନରେ ମୁକ୍ତିଲାଭ କରୁଥିବା ପ୍ରଥମ ଭାରତୀୟ ସିନେମା ହେବ । ଏହି ବଡ଼ ସଫଳତା ବିଷୟରେ କଥା ହୋଇ ଫିଲ୍ମର ନିର୍ଦ୍ଦେଶକ ରାହତ ଶାହ କାଜମୀ କହିଛନ୍ତି, 'ଲଭ୍ ଇନ୍ ଭିଏତନାମ ସମସ୍ତଙ୍କ ମନ କିଣିନେଇଛି । ଆମେ ଏହି ଫିଲ୍ମରେ ଆମର ହୃଦୟ ଏବଂ ଆତ୍ମା ଲଗାଇଛୁ । ଏଥିସହ ଏହା ପ୍ରକୃତରେ ଗର୍ବର ବିଷୟ, କାରଣ ଆମେ ଭାରତରେ ରିଲିଜ୍ ହେବା ପୂର୍ବରୁ ଚୀନ୍‌ରେ ୧୦,୦୦୦ ସ୍କ୍ରିନ୍ ହାସଲ କରି ଇତିହାସ ସୃଷ୍ଟି କରିଛୁ । ଏଥିସହ ଜାଣିରଖନ୍ତୁ ଯେ, ଶାନ୍ତନୁ ମାହେଶ୍ୱରୀଙ୍କ ବ୍ୟତୀତ, ଭିଏତନାମୀୟ ଅଭିନେତ୍ରୀ ଖା ନାଗନ ମଧ୍ୟ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି । ଫରିଦା ଜଲାଲ, ଗୁଲସନ ଗ୍ରୋଭର, ରାଜ ବବରଙ୍କ ଭଳି ବରିଷ୍ଠ ଅଭିନେତା ମଧ୍ୟ ନଜର ଆସିବେ । ଏହା ବ୍ୟତୀତ ଫିଲ୍ମରେ ପଞ୍ଜାବ ଏବଂ ଭିଏତନାମର ସୁନ୍ଦର ସ୍ଥାନଗୁଡ଼ିକୁ ମଧ୍ୟ ଦେଖାଯାଇଛି । ଓମୁଙ୍ଗ କୁମାର, କ୍ୟାପ୍ଟେନ୍ ରାହୁଲ ବାଲିଙ୍କ ଦ୍ୱାରା ପ୍ରଯୋଜିତ ଏବଂ ରାହତ ଶାହ କାଜମୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ୧୨ ସେପ୍ଟେମ୍ବର ୨୦୨୫ରେ ସାରା ଦେଶରେ ମୁକ୍ତିଲାଭ କରିବ ।

# ପାଦ ଦରଜ ପଛର ୩ ଟି କାରଣ

ଶରୀରରେ ପୋଷକ ତତ୍ତ୍ୱର ଅଭାବ ହେତୁ ଲୋକଙ୍କ ଠାରେ ଅନେକ ସମସ୍ୟା ଦେଖା ଦେଇଥାଏ । ଏହା ପଛରେ ଥିବା ଅନେକ କାରଣ ଗୁଡିକ ଭିତରେ ଖାଦ୍ୟ ପେୟରେ ଅନିୟମିତତା, ଷ୍ଟ୍ରେସ, ବ୍ୟସ୍ତବହୁଳ ଲାଇଫ ଷ୍ଟାଇଲ ଆଦି ପ୍ରମୁଖ । ଏମିତିରେ ଏହି ଛୋଟ ଛୋଟ ଲକ୍ଷଣ ଗୁଡିକ ଆଗକୁ ଏକ ମାରାତ୍ମକ ସମସ୍ୟାରେ ପରିବର୍ତ୍ତନ ହୋଇପାରେ । ଏହି ସମସ୍ୟା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି ଶୋଇବା ସମୟରେ ପାଦର ସିରା ପ୍ରଶିରା ଗୁଡିକ ଫୁଲିଯିବା । ଶୋଇବା ସମୟରେ ଯଦି କାନ୍ଧ, ହାତଗୋଡ ଆଦିର ସିରା ଫୁଲିଯାଏ ତେବେ ପରଦିନ ସକାଳେ ପୂରା ଦିନ ଦେହ ଖରାପ ଲାଗିଥାଏ । ଏମିତିକି ଶରୀରରେ ଜୋରରେ ଦରଜ ହେବା ଆରମ୍ଭ ହୋଇଯାଏ । ଦିନ ତମାମ କୌଣସି କାମରେ ମନ ଲାଗେ ନାହିଁ । ତେବେ ଆସନ୍ତୁ ଜାଣିବା କେଉଁ କାରଣ ଯୋଗୁଁ ଏପରି ସମସ୍ୟା ଦେଖାଦିଏ....



ଶରୀରରେ ଭିଟାମିନ-'ସି' ର ଅଭାବ କାରଣରୁ ଅନେକ ସମସ୍ୟା ଦେଖାଦିଏ । ଏହି ଭିଟାମିନ ଅଭାବରୁ ସର୍ଦ୍ଦି, କାଶ ଅନେକ ପ୍ରକାର ସଂକ୍ରମଣ ମଧ୍ୟ ହୋଇଥାଏ । ଅନ୍ୟ ପକ୍ଷରେ ଭିଟାମିନ-'ସି'କୁ ତ୍ୱଚା ଓ ବାଳର ପ୍ରମୁଖ ଉତ୍ସ ଭାବେ ଧରାଯାଏ । ସ୍କିନ ଓ ଚୁଟିରେ ବି ଏକ ପ୍ରକାର ଚମକ ଆସିଥାଏ । ରକ୍ତ କୋଷିକା ଗୁଡିକୁ ମଜବୁତ କରିବାରେ ଏହା ପ୍ରମୁଖ ଭୂମିକା ନେଇଥାଏ । ଏହି ସମସ୍ୟାରୁ ରକ୍ଷା ପାଇଁ ଭିଟାମିନ ସି ଯୁକ୍ତ ଖାଦ୍ୟ ଯେମିତିକି କମଳା, ମୌସମି, ଅଙ୍ଗୁର, ଲେମ୍ବୁ ଆଦି ଫଳର ସେବନ ବି କରିପାରିବେ ।

ହାତ ପାଦରେ ଦରଜ ହେବା କାରଣ ଶରୀରରେ ହିମୋଗ୍ଲୋବିନ ଅଭାବ ବି ହୋଇପାରେ । ଏହାର ଅଭାବରୁ ଶରୀରରେ ବ୍ଲଡ ସରକ୍ୟୁଲେସନ ବି ଠିକ୍ ଭାବେ ହୋଇପାରେ ନାହିଁ । ତେଣୁ ହିମୋଗ୍ଲୋବିନ ଭରପୁର ଖାଦ୍ୟ ଏହି ସମୟରେ ଖାଆନ୍ତୁ ।

# ହନୁମାନଙ୍କୁ ମାତା ସୀତାଙ୍କ ବରଦାନ

ମାତା ସୀତାଙ୍କୁ ଖୋଜିବା ପାଇଁ ଲଙ୍କାରେ ପହଞ୍ଚିବା ପରେ ହନୁମାନ ପ୍ରଥମେ ଲଙ୍କିନୀ ନାମ୍ନୀ ରାକ୍ଷସୀକୁ ଭେଟିଲେ । ହନୁମାନ ତା'କୁ ପରାଜିତ କରିଦେଲେ । ଏହାପରେ ସେ ମାତା ସୀତାଙ୍କୁ ଖୋଜିବାକୁ ଲାଗିଲେ । ହନୁମାନ ଏହି ସମୟରେ ରାବଣର କନିଷ୍ଠ ଭ୍ରାତା ବିଭୀଷଣଙ୍କୁ ଭେଟିଲେ । ସେ ମଧ୍ୟ ରାମ ଭକ୍ତ ଥିଲେ । ସେ ହନୁମାନଙ୍କୁ ମାତା ସୀତାଙ୍କ ଠିକଣା କହିଦେଲେ । ହନୁମାନ ଯାଇ ଅଶୋକ ବାଟିକାର ସେହି ବୃକ୍ଷରେ ବସିଗଲେ, ଯେଉଁ ବୃକ୍ଷ ମୂଳେ ମାତା ସୀତା ବସିଥିଲେ । ମାତା ସୀତା ଶୋକ କରୁଥିବା ହନୁମାନ ଦେଖିଲେ । ସେ ତଳକୁ ଆସିଲେ ଏବଂ ଶ୍ରୀରାମଙ୍କ ଆଙ୍ଗୁଠି ମାତା ସୀତାଙ୍କୁ ଦେଲେ । ପ୍ରଭୁଙ୍କ ଆଙ୍ଗୁଠି ଦେଖି ମାତା ଆଶ୍ଚର୍ଯ୍ୟ ହୁଅନ୍ତେ, ହନୁମାନ ତାଙ୍କୁ ନିଜର ପରିଚୟ ଦେଲେ । ହନୁମାନ କହିଲେ ଯେ ମାତା ଖୁବ୍‌ଶୀଘ୍ର ଶ୍ରୀରାମ ଆପଣଙ୍କୁ ନେବା ପାଇଁ ଆସିବେ । ହନୁମାନଙ୍କ ପ୍ରିୟ ବଚନ ଶୁଣି ମାତା ସୀତା ତାଙ୍କୁ ନିଜ ପୁତ୍ର ରୂପରେ ସ୍ୱୀକାର କଲେ ଏବଂ ତାଙ୍କୁ ଅମରତ୍ୱର ବରଦାନ ପ୍ରଦାନ କରିଥିଲେ । ପୂର୍ବରୁ ଦେବଗଣଙ୍କ ଠାରୁ ଅମର ବର ପାଇଥିବା ହନୁମାନ ଜଗଜ୍ଜନନୀଙ୍କ ଠାରୁ ପୁଣି ଥରେ ସେହି ବର ପାଇ ଧନ୍ୟ ହେଲେ ।



# ସୁନେଲୀ ରଙ୍ଗର ତ୍ୱଚା ପାଇଁ

ସାଧାରଣତଃ ସୁନ୍ଦର ଓ ଚିକ୍କଣ ତ୍ୱଚା ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏଙ ଏଥିପାଇଁ ଲୋକେ ଅନେକ ଉପାୟ ଆପଣାଇ ଥାଆନ୍ତିଙ ହେଲେ କାହାକୁ ସୁଫଳ ମିଳେ ତ ପୁଣି ଆଉ କାହାର ବିଭିନ୍ନ ସାମଗ୍ରୀର ବ୍ୟବହାର କରିବା ଦ୍ୱାରା ପ୍ରତିକ୍ରିୟା ସୃଷ୍ଟି ହୋଇ ବିପରୀତ ଫଳ ମିଳିଥାଏ। ତେବେ ଏପରି କିଛି ଘରୋଇ ଉପାୟ ରହିଛି ଯାହାକୁ ଆପଣାଇବା ଦ୍ୱାରା ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ତ୍ୱଚା ଉଜ୍ଜ୍ୱଳ ଓ ଚିକ୍କଣ ହୋଇଥାଏ। ଚାଲନ୍ତୁ ଜାଣିବା ସେହି ସବୁ ଉପାୟ ବିଷୟରେ:

ଯଦି ଆପଣଙ୍କ ତ୍ୱଚା ତେଲିଆ ଓ ମୁହଁରେ ବ୍ରଣ ହେଉଛି, ପାଚିଲା ଅମୃତଭଣ୍ଡା ବଟା, ଚନ୍ଦନ ପାଉଡର କିମ୍ବା ମୁଲତାନି ମାଟି, ମହୁକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କରିବାଦ୍ୱାରା ଆପଣଙ୍କ ତ୍ୱଚାର ତେଲିଆ ପଣ କମିଯିବ, ବ୍ରଣ ସମସ୍ୟା ଦୂର ହେବ ଏବଂ ମୁହଁ ଉଜ୍ଜ୍ୱଳ ଦେଖାଯିବ। ମୁହଁ ପାଇଁ ମହୁ ଖୁବ୍ ଲାଭଦାୟକ ହୋଇଥାଏ। ମାତ୍ର ଗୋଟିଏ ବୁନ୍ଦା ମହୁ ଆଣି ସେଥିରେ ସାମାନ୍ୟ ଗୋଲାପ ଜଳ ମିଶ୍ରଣ କରି ତାହାକୁ ମୁହଁରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାଲିସ କରନ୍ତୁ। ଦେଖିବେ ଆପଣଙ୍କ ମୁହଁ ସଫା ରହିବା ସହ ନରମ ମଧ୍ୟ ଲାଗିବ। ହଳଦୀ ମଧ୍ୟ ତ୍ୱଚା ପାଇଁ ବହୁତ ଉପକାରୀୟ ଆପଣ ସାମାନ୍ୟ ହଳଦୀଗୁଣ୍ଡ ହାତରେ ନିଅନ୍ତୁ। ସେଥିରେ ଟିକେ ମହୁ ଓ ପାଣି ମାଶାଇ ମିଶ୍ରଣ କରି ମୁହଁରେ ଲେପ ଦିଅନ୍ତୁ। ଲେପ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଚେହେରାରେ ଔଜଲ୍ୟ ଆଣିଥାଏ। ଘରେ ଯଦି ମରା ନଡ଼ିଆ ତେଲ ଅଛି ତେବେ ଖୁବ୍ ଭଲ। ମରା ନଡ଼ିଆ ତେଲକୁ ମୁହଁରେ ଦୈନିକ ମାଲିସ୍ କରିବା ଦ୍ୱାରା ମୁହଁର ଚମକ ବଢ଼ିଥାଏ। ଦୈନିକ ଘିକୁଆଁରୀ ରସକୁ ମୁହଁରେ ଲଗାଇଲେ ତ୍ୱଚା ନରମ ହେବା ସହ ମୁହଁରେ ଥିବା ଧୂଳି କଣିକା ସବୁ ବାହାରି ଯାଇଥା'ନ୍ତି। ଏହା ଆମେ ସମସ୍ତେ ଜାଣନ୍ତି ଯେ ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ବିଶେଷ କରି ତ୍ୱଚା ପାଇଁ ବହୁତ ଜରୁରୀ। ଯିଏ ଆବଶ୍ୟକ ମାତ୍ରାର ପାଣି ପିଅନ୍ତି ତାଙ୍କ ତ୍ୱଚା ଚିକ୍କଣ ହୋଇଥାଏ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ଚିକ୍କଣ ଦେଖାଯିବ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚମକିବ। କଲରା, ଲାଉ ଏବଂ ଗାଜର ରସ ପିଇବା ମଧ୍ୟ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଚା, କଫି କିମ୍ବା ଫାଷ୍ଟଫୁଡ୍ରୁ ନିଜକୁ ଦୂରେଇ ରଖନ୍ତୁୟ ମନେ ରଖନ୍ତୁ ଫାଷ୍ଟଫୁଡ୍ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ଗରମ ପାଣିରେ ମୁହଁକୁ ବାମ୍ଫ ଦିଅନ୍ତୁୟ ଫଳରେ ଆପଣଙ୍କ ମୁହଁରେ ଥିବା ଧୂଳିକଣିକା ବାହାରିଯିବ ଏବଂ ଆପଣଙ୍କ ମୁହଁ ପୂର୍ବପେକ୍ଷା ଉଜ୍ଜ୍ୱଳ ଦିଶିବୟ ଅତିକମରେ ସପ୍ତାହକୁ ଥରୁଟିଏ ଏହି ବାମ୍ଫ ଦିଅନ୍ତୁ। ଖରାରେ ଯାଉଥିଲେ ସନସ୍କ୍ରିନ ଲୋସନ ନିଶ୍ଚୟ ଲଗାନ୍ତୁ। ନଚେତ ସୂର୍ଯ୍ୟକିରଣ ମୁହଁରେ ବାଜି ମୁହଁର ଉଜ୍ଜ୍ୱଳତା ହ୍ରାସ ପାଇବା ସହ ଯୁବାପଣ କ୍ଷୟ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁୟ ଦୁଇ ଚାମଚ ଘିକୁଆଁରି, ଅଳ୍ପ ହଳଦୀଗୁଣ୍ଡ, ଏକ ଚାମଚ ଲେଖାଏଁ ମହୁ ଏବଂ କ୍ଷୀରକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚାର ପ୍ରାକୃତିକ ଉଜ୍ଜ୍ୱଳତା ଆସିଥାଏୟ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଦୁଇ ତିନି ବୁନ୍ଦା ଅଲିଭ୍ ଅଏଲ୍ ନେଇ ମୁହଁରେ ମାଲିସ କରନ୍ତୁ। ମୁହଁରେ ଗୋଲାକାରରେ ତଳୁ ଉପରକୁ ୨-୩ ମିନିଟ୍ ମସାଜ କରିବା ପରେ ଏକ ଟାୱେଲକୁ ଉଷୁମ ପାଣିରେ ବୁଡାଇ ଚିପୁଡି ମୁହଁରେ ୩୦-୪୦ ସେକେଣ୍ଡ ପର୍ଯ୍ୟନ୍ତ ବାମ୍ଫ ଦିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହା ତ୍ୱଚାର ଶୁଷ୍କତା ଦୂର କରିବା ସହ ଉଜ୍ଜ୍ୱଳ ମଧ୍ୟ କରିଥାଏ।



# ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବରୁ ମିଳେ ଏହିସବୁ ଶୁଭ ସଙ୍କେତ

ଆମ ବାସ୍ତୁ ଶାସ୍ତ୍ରରେ ଶୁଭ ଓ ଅଶୁଭ ସଙ୍କେତ ସମ୍ପର୍କରେ ବିସ୍ତାର ଭାବେ କୁହାଯାଇଛି। ଜୀବନରେ ଘଟିବାକୁ ଥିବା ବିଭିନ୍ନ ଘଟଣା ପୂର୍ବରୁ ଏ ନେଇ କିଛି ସଙ୍କେତ ସଂପୃକ୍ତ ବ୍ୟକ୍ତିଙ୍କୁ ମିଳିଥାଏ। ଏହି ଅନୁସାରେ, ଧନର ଦେବୀ ମା' ଲକ୍ଷ୍ମୀ ଆପଣଙ୍କ ପ୍ରତି କୃପା କରିବା ପୂର୍ବରୁ କିଛି ସଙ୍କେତ ବି ଦେଇଥା'ନ୍ତି। ଆଜି ଆମେ ଆପଣଙ୍କୁ ଏଭଳି କିଛି ଶୁଭ ସଙ୍କେତ ସମ୍ପର୍କରେ ଜଣାଇବୁ, ଯାହା ଆପଣ ଦେଖିଲେ ଖୁବ୍ ଶୀଘ୍ର ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ନିଶ୍ଚୟ ପଡ଼ିବ ବୋଲି ଜାଣିବେ। ଘରେ ସାଧାରଣତଃ ନାଲି ରଙ୍ଗର ପିମ୍ପୁଡି ଦେଖିବାକୁ ପାଇଥାନ୍ତି। ଯଦି ଘରେ ହଠାତ୍ କଳା ପିମ୍ପୁଡି ଦେଖାଗଲେ। ଶୁଭ ମନାଯାଇଥାଏ। ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବର ଏହି ସଂକେତ ଦେଖାଯାଇଥାଏ। ଆମେ ସମସ୍ତେ ଶୋଇଲା ବେଳେ ସ୍ୱପ୍ନ ଦେଖିଥାନ୍ତି। ଯଦି ସ୍ୱପ୍ନରେ ଆମେ ଶଙ୍ଖ, ଗୋଲାପ ଫୁଲ ଓ ହାତୀକୁ ସ୍ୱପ୍ନରେ ଦେଖିଥାନ୍ତି, ତାହାହେଲେ ତେବେ ବୁଝିଯାଆନ୍ତୁ ଯେ ଆର୍ଥିକ ସମସ୍ୟା ଦୂର ହେବାର ସ୍ପଷ୍ଟ ସଙ୍କେତ ଦେଇଥାଏ।

ଯଦି ଘରେ ଏକା ସାଙ୍ଗରେ ତିନୋଟି ଛିଟିପିଟି ଦେଖାଯାଏ, ତାହା ହେଲେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ। ପେଚା ହେଉଛି ମା' ଲକ୍ଷ୍ମୀଙ୍କ ବାହନ। ଏହା ଏତେ ସହଜରେ କାହାରିକୁ ଦେଖାଯାଏ ନାହିଁ। ପେଚାମାନେ ସାଧାରଣତଃ ରାତିର ଅନ୍ଧାରରେ ବାହାରି ଥା'ନ୍ତି। ତେଣୁ ଯଦି ସୌଭାଗ୍ୟବଶତଃ ଆପଣଙ୍କୁ କେଉଁଠି ଧଳା ପେଚା ଦୃଶ୍ୟମାନ ହେଉଛି, ତେବେ ମା' ଲକ୍ଷ୍ମୀ ଆପଣଙ୍କ ଉପରେ



# ନଗରନକ୍ସା
ମହାନଗରର ନିଜ ଭାଷା

ଗୁରୁବାର, ୪ ସେପ୍ଟେମ୍ବର, ୨୦୨୫


## ଯାତ୍ରୀ ଆପ୍‌ରୁ କିଣି ହେବ ବସ୍-ବୋଟିଂ ଟିକେଟ

**ଭୁବନେଶ୍ୱର,୩।୯ (ମହାଭାରତ):** ଓଡ଼ିଶା ଯାତ୍ରୀ ଆପ୍ ର କଳେବର ବଢ଼ାଇଛି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ଏଣିକି ଏହି ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡ଼ାରେ ଚିଲିକା ବୋଟିଂ ନିମନ୍ତେ ଟିକେଟ୍ କିଣିପାରିବେ। ପର୍ଯ୍ୟଟକ ଏବଂ



ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍ ରେ ଅନ୍ତର୍ଭୁକ୍ତ କରାଯାଇଛି।

ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍ ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକେଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ପାଇପାରିବେ। ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଂଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ।

ସମସ୍ତ ଆଣ୍ଡରୋଏଡ୍ ପ୍ଲାଟଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍ ରେ ନିକଟରେ ଭବିଷ୍ୟତରେ ଉପଲବ୍ଧ ହେବ। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତିକରି ଟିକେଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ।

ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ, ଯାତ୍ରୀଙ୍କୁ ସାର୍ବଜନୀନ ,ଟେକ୍ନୋଲୋଜି ଭିତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇ ଦେବାର ସଂକଳ୍ପ ବୋଲି କହିଛନ୍ତି ଶ୍ରୀମତୀ ଉଷା ପାଢ଼ୀ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ। ଏହି ଡିଜିଟାଲ ପ୍ଲାଟଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍ ରେ ଉପଲବ୍ଧ ହୋଇପାରିବ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରୁ ପାଳନ ହେବ ସେବା ପକ୍ଷ

**ଭୁବନେଶ୍ୱର,୩।୯ (ମହାଭାରତ):** ସେବା ହିଁ ପରମ ଧର୍ମକୁ ଚରିତାର୍ଥ କରିବାକୁ ଯାଇ ସମାଜର ଗରିବ, ଶୋଷିତ ବର୍ଗର ଉତ୍‌ଥାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ନିରନ୍ତର ସେବା ଓ ଅକ୍ଳାନ୍ତ ପରିଶ୍ରମ ବଳରେ ମୋଦିଜୀ ସାରା ବିଶ୍ୱରେ ଭାରତକୁ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିଛନ୍ତି। ଦେଶ ପାଇଁ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ସେବା ଦିବସ ଭାବେ ପାଳନ କରଯିବା ସହ ଉକ୍ତ ଦିନରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିନ ପଡ଼ୁଥିବାରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି।




ଡ. ମହାନ୍ତି କହିଛନ୍ତି ଯେ, ସେବାପକ୍ଷ ଉପଲକ୍ଷେ ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲ୍ଲାସ୍ତରୀୟ ଓ ୧୯ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏହି ଅବସରରେ ବିଭିନ୍ନ ପିଏଚ୍‌ସି, ସିଏଚ୍‌ସି, ମେଡିକାଲ କଲେଜ ଓ ଘରୋଇ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ୧୭ରେ ମାନନୀୟ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ କରାଯିବ। ଏହି ପ୍ରଦର୍ଶନୀ ସାଙ୍ଗରେ ଭୋକାଲ ଫର ଲୋକାଲର ପ୍ରଚାର କରାଯିବ। ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ସ୍ୱତନ୍ତ୍ର ମେଳା ଓ ପ୍ରଦର୍ଶନୀ କରାଯିବ। ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୯ ଓ ୨୦ ସେପ୍ଟେମ୍ବରରେ ଜିଲ୍ଲାସ୍ତରୀୟ ପ୍ରବୁଦ୍ଧ ବର୍ଗ ସମ୍ବାଦ, ମୋଦିଜୀଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶନ କରାଯିବ। ୧୯ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଂଚାୟତ ଭବନରେ ମୋଦିଜୀଙ୍କ ଜୀବନୀ ଉପରେ ପୁସ୍ତକ ବଂଟନ କରାଯିବ। ଜାତୀୟ ଉପକୂଳ ଦିବସ ଅର୍ଥାତ୍ ସେପ୍ଟେମ୍ବର ୨୦ରେ ସମୁଦ୍ର ଉପକୂଳଠାରେ ସ୍ୱଚ୍ଛତା ଅଭିଯାନ କରାଯିବ। ୨୧ ସେପ୍ଟେମ୍ବରରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ କରାଯିବ। ସେପ୍ଟେମ୍ବର ୨୫ରେ ବିଜେପିର ବିଚାର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଜୟନ୍ତୀ ରାଜ୍ୟ, ଜିଲ୍ଲା ଓ ବୁଥ୍‌ସ୍ତରରେ ଆୟୋଜନ କରାଯିବ। ସେପ୍ଟେମ୍ବର ୨୫ ଓ ୨୬ରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି ଓ ଦିବ୍ୟାଙ୍ଗଜନମାନଙ୍କୁ ସମ୍ମାନିତ କରାଯିବ। ଅକ୍ଟୋବର ୨ରେ ମହାତ୍ମାଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଷ୍ଠିତ ହେବ। ଏଥିସହ ସାଂସଦ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ସମ୍ପାଦକ ଅରବିନ୍ଦ ମେନନ୍, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ଓ ପ୍ରକୋଷ୍ଠ ସଂଯୋଜକ ଉପସ୍ଥିତ ଥିଲେ।

## କିଟ୍‌ରେ ଏସ୍‌ଏନ୍‌ଏଆଇ ଦ୍ୱିବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୩।୯ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟୁଡ଼େଣ୍ଟ ନର୍ସେସ୍ ଆସୋସିଏସନ ଅଫ୍ ଇଣ୍ଡିଆ(ଏସ୍‌ଏନ୍‌ଏଆଇ) ଓଡ଼ିଶା ରାଜ୍ୟ ଶାଖାର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍‌ଏଆଇ)ର ଓଡ଼ିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନର୍ସିଂ ସାଇନ୍‌ସେସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟରୁ ଦୁଇ ହଜାରରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'।




ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଲେ ନର୍ସିଂ ସେବା ଏକ ବୃତ୍ତି ନୁହେଁ ଏହା ଏକ ବ୍ରତ। ସେବା ମନୋବୃତି ଏବଂ ପ୍ରତିବଦ୍ଧତା ହେଉଛି ନର୍ସିଂ ସେବାର ମୂଳମନ୍ତ୍ର। ନର୍ସମାନେ ଜାତି, ବର୍ଣ୍ଣ ଧନୀ, ଗରିବ ବାଛ ବିଚାର ନ କରି ସମସ୍ତଙ୍କ ପ୍ରତି ସମାନ ଆଚରଣ ସହ ସମାନ ସେବା ଯୋଗାଇ ଦେଇଥାନ୍ତି। ସେମାନଙ୍କ ସେବା ଆଗରେ ଆମ ସମସ୍ତଙ୍କର ମୁଣ୍ଡ ନୁଆଁଇବା କର୍ତ୍ତବ୍ୟ ବୋଲି ଶ୍ରୀ ସାମଲ କହିଥିଲେ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ନର୍ସମାନଙ୍କୁ ଭଗବାନଙ୍କ ଦୂତ ଭାବେ ଅଭିହିତ କରିଥିଲେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କର ଏକ ବଡ଼ ଭୂମିକା ରହିଛି ବୋଲି ସେ କହିଥିଲେ। ରୋଗୀଟିଏ ସୁସ୍ଥ ହେବା ପାଇଁ ନର୍ସର ତ୍ୟାଗ ରହିଥାଏ। ସେଥିପାଇଁ ସମାଜରେ ନର୍ସମାନଙ୍କୁ ଅନନ୍ୟ ଭାବେ ବିବେଚନା କରାଯାଏ ବୋଲି ଶ୍ରୀ ମିଶ୍ର କହିଥିଲେ। କିମ୍ସ ମେଡ଼ିକାଲ କଲେଜ ଅଧକ୍ଷ ପ୍ରଫେସର ଡ଼ା. ଆର. ସି. ଦାସ କହିଲେ, ନର୍ସିଂ ଗୋଟିଏ ବୃତ୍ତି ନୁହେଁ, ଏହା ହେଉଛି ମାନବିକତା ପ୍ରତି ପ୍ରତିବଦ୍ଧତା। ଜଣେ ରୋଗୀ ପାଇଁ ଗୋଟିଏ ନର୍ସ ବହୁତ କିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡ଼ା ସିବିକେ ମହାନ୍ତି, ଟିଏନଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏନ୍‌ଏଆଇ ଓଡ଼ିଶା ଶାଖାର ସଭାପତି ତଥା କିନ୍‌ସର ପ୍ରଫେସର ଅନୁସୂୟା ପଟ୍ଟନାୟକ, କିନ୍‌ସ ଅଧକ୍ଷା ପ୍ରଫେସର ନିୟତୀ ଦାସ, ଟିଏନଏଆଇ ଓଡ଼ିଶା ଶାଖା ସମ୍ପାଦିକା ରଞ୍ଜିତା ସାହୁ, ଏସଏନ୍‌ଏଆଇ ଓଡ଼ିଶା ଶାଖା ପରାମର୍ଶଦାତା ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ ପ୍ରଦାନ କରାଯାଇଥିଲା। ରବିବାର ଏହି ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା।

## କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

**ଭୁବନେଶ୍ୱର,୩।୯ (ମହାଭାରତ):** ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ହେଉଛି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ରାଜ୍ୟବ୍ୟାପୀ ଅଗଣିତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି କରିଛି ବୋଲି ଆଜି ମଧ୍ୟାହ୍ନରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।



ଶ୍ରୀ ଦାସ କହିଛନ୍ତି, ଗତକାଲି ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା ଆରମ୍ଭ କରିଛନ୍ତି। ଏହିପରି ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଲା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଆସି ଓଡ଼ିଶାରେ ପହଂଚିଛନ୍ତି। ସୂଚନାଯୋଗ୍ୟ ପ୍ରତ୍ୟେକ ଜିଲ୍ଲାର ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସଂପୃକ୍ତ ଜିଲ୍ଲା ଗସ୍ତ କରିଛନ୍ତି। ଉକ୍ତ ତିନିଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀରେ ଜଣେ ଲେଖାଏଁ ବରିଷ୍ଠ କଂଗ୍ରେସ ନେତା ସାମିଲ ଅଛନ୍ତି। ପର୍ଯ୍ୟବେକ୍ଷକ ମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୁନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ମାନଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ।

## ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ : ୪ ଗିରଫ

**ଭୁବନେଶ୍ୱର,୩।୯ (ମହାଭାରତ):** ଜଙ୍କିଆ ଥାନା ଛଣଗିରି ସ୍ଥିତ ସାଇ ସୋନୁ ସୁନା ଅଳଙ୍କାର ଦୋକାନରୁ ଗତ ୨୪ ତାରିଖ ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି ଖୋର୍ଦ୍ଧା ପୋଲିସ। ଏହି ଘଟଣାରେ ପୋଲିସ ଜଣେ ଗ୍ରାହକ (ରିସିଭର)ଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବେଂଟକର ପୋଲିସ ଥାନା ଝିଙ୍କିରିଆ ଗ୍ରାମର ଲକି ଓରଫ ବିଶ୍ୱଜିତ ପଟ୍ଟନାୟକ (୨୨), ନୟାଗଡା ଜିଲା ଶରଣକୁଳ ଥାନା ଗୋଡିପଡା ଗ୍ରାମର ଗୁଲୁ ଓରଫ ଅଶୋକ ସେନାପତି(୩୨), ବୋଲଗଡ ଥାନା ଭୀମପଡା ଟାଙ୍ଗି ସାହିର ଚନ୍ଦନ ନାୟକ (୨୫), ରିସିଭର ସେହି ଥାନା ଅନ୍ତର୍ଗତ ସମ୍ପୁର ଗ୍ରାମର ନବ ସାହୁ (୩୨)। ଏମାନଙ୍କ ଠାରୁ ଏକ କେଜି ସୁନା, ଚାନ୍ଦି ୨୩୬୩.୯୪୦ ଗ୍ରାମର ରୂପା, ନଗଦ ୯ଲକ୍ଷ ୪୫ ହଜାର



ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି ଓ ଭୁଜାଲି ଜବତ କରାଯାଇଛି ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଂଚଳ ଡିଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି।

ଡିଆଇଜି ନାୟକ କହିଲେ ଏହି ଘଟଣା ପୋଲିସ ପାଇଁ ଏକ ବଡ ଚାଲେଞ୍ଜ ରହିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ "ଅପରେସନ ଗୋଲ୍ଡନେ ଷ୍ଟ୍ରାଇକ" ଆରମ୍ଭ ହୋଇଥିଲା। ଏସପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି, ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ସଦର ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନାଧିକାରୀ ଏସ କେ ବେହେରା, ସଦର ଥାନାଧିକାରୀ କାହ୍ନୁ ଚରଣ ସ୍ୱାଇଁ, ନିରାକାରପୁର ଥାନାଧିକାରୀ ବିଶ୍ୱଜିତ ରାଉତରାୟ, ବାଲୁଗାଁ ଥାନାଧିକାରୀ ଜୟକୃଷ୍ଣ ପରିଡା, ବାଣପୁର ଥାନାଧିକାରୀ ଆର. ଦେବତା, ଟାଙ୍ଗି ଥାନାଧିକାରୀ ଆର.କେ ଭୁଜବଳଙ୍କ ଖୋର୍ଦ୍ଧାର ସ୍ପେସାଲ ସ୍କାର୍ଡକୁ ନେଇ ୩ଟି ଟିମ ଏହି ଅପରେସନରେ ସାମିଲ ହୋଇଥିଲେ। ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ,ଏବଂ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି। ଗତ ୨୪ ତାରିଖରେ ଅପରାହ୍ନ ପାୟ ସାଢେ ୨ଟା ସମୟରେ ୮ଜଣ ଯୁବକ ଛଣଗିରି ରାସ୍ତାରେ ବାଇକ ରଖି ହେଲମେଟ ପିନ୍ଧି ସୋନୁ ସୁନା ଅଳଙ୍କାର ଦୋକାନ ଆଗରେ ବୋମା ଓ ବନ୍ଧୁକ ଧରି ଦୋକାନ ଭିତରକୁ ପସି ସୁନାଗହଣା ଲୁଟି ନେଇଥିଲେ। ଦୋକାନରେ କାମ କରୁଥିବା କର୍ମଚାରୀଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ଭୟଭିତ ସହ ଆକ୍ରମଣ କରିଥିଲେ।

## ବିରିୟାନୀ ଏକ ନାହିଁ, ଦୋ ହାଥ ସେ ଖାତେହେଁ

**ଭୁବନେଶ୍ୱର,୩।୯ (ମହାଭାରତ):** ଥମସ ଅପ, କୋକା-କୋଲା ଭାରତର ଆଇକନିକ୍ ବିଲିୟନ ଡ଼ଲାର ଘରୋଇ ବିକଶିତ ବ୍ରାଣ୍ଡ, ଆଜି ଏହାର ସଦ୍ୟତମ ଅଭିଯାନ "ବିରିୟାନୀ ଏକ ନାହିଁ, ଦୋ ହାଥ ସେ ଖାତେହେଁ", ବଲିଉଡ଼ ସୁପରଷ୍ଟାର ଶାହାରୁଖ ଖାନ ଏବଂ ତେଲୁଗୁ ଚ଼ଳଚ୍ଚିତ୍ର କିମ୍ବଦନ୍ତୀ ଜଗପଥି ବାବୁଙ୍କ ଅଭିନୟକୁ ନେଇ ଶୁଭାରମ୍ଭ କରିଛି। ଏହି ଅଭିଯାନ ବିରିୟାନୀର ସଠିକ୍ ଅଭିଜ୍ଞତାକୁ ନେଇ ଏକ କବିତା ଅଟେ, ଯାହାକି ନିମଜ୍ଜିତକାରୀ ବିଭ୍ରାଟମୁକ୍ତ ରୀତିନୀତିକୁ ରୂପାନ୍ତରିତ କରିଥାଏ। ପ୍ରତ୍ୟେକ ସ୍ୱାଦକୁ ସୁଗନ୍ଧିତ କରିବା ତଥା ପ୍ରକୃତ ମୁହୂର୍ତ୍ତକୁ ଧରିରଖିବା ପାଇଁଏହା ଏକ ଧିର ମନ୍ଥର ପଦକ୍ଷେପ। ବିଗତ ୩ ବର୍ଷ ମଧ୍ୟରେ ଏହି ବ୍ରାଣ୍ଡ ବିରିୟାନୀର ସର୍ବୋଚ୍ଚ ଖୁସିର ମୁହୂର୍ତ୍ତ ସହିତ ଥମସ ଅପକୁ ନେଇ ଏହାକୁ ଏକ ଉତ୍ସବ ରୀତିନୀତିର ରୂପ ଦେଇପାରିଛି। ଏହାର ଆରମ୍ଭ ଏକ ଆନୁଷ୍ଠାନିକ ମୃଦୁପାନୀୟର ପସନ୍ଦ ସହିତ ବିରିୟାନୀକୁ ନେଇ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଠାରୁ କମ୍ ନୁହେଁ ଯାହାକି ବାସ୍ତବରେ ଗ୍ରାହକ ମାନେ ଏହାକୁ ନିଜ ଭିତରେ ସଠିକ୍ ଭାବରେ ଅନୁମୋଦନ କରିପାରିଛନ୍ତି। ଏଥିରେ ରହିଥିବା ଏକ ଦୃଢ଼ ଫିସ ତଥା ଆଚ୍‌ମ୍ବିତ ସ୍ୱାଦ ସହିତ ଥମସ ଅପ ପ୍ରକୃତରେ ଭାରତର ବିବିଧ ବିରିୟାନୀ ସଂସ୍କୃତିକୁ ଏକ ସାଂସ୍କୃତିକ ମୁହୂର୍ତ୍ତରେ ଆହୁରି ଉପରକୁ ଉଠାଇବାର ପରିକଳ୍ପନା କରିପାରିଛି। ଏହି ଅଭିଯାନ ଏହାର ଏକ ବିଶେଷ ଅଭୁଲା ସ୍ମୃତି ପ୍ରସ୍ତୁତ କରିବା ସହିତ ଏହାକୁ ଖାଦ୍ୟ ସହିତ ଭଲ ଭାବରେ ଯୋଡ଼ି ରଖିବାର ସ୍ଥିତି ସୃଷ୍ଟି କରିଛି। ଏକ ଦୁନିଆ ଯେଉଁଠାରେ ମୋବାଇଲର ଗୁଞ୍ଜରଣ, ଟିଭିର ଶବ୍ଦ ତଥା ଜୀବନ ଧାରାର ମାନ ବହୁ ଅଧିକ ଗତିଶୀଳ ହୋଇପାରିଛି ସେଠାରେ ବିରିୟାନୀ ସମସ୍ତଙ୍କୁ ଆକର୍ଷିତ କଲାଭଳି ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି। ସୁତରାଂ ଧିର ଗତିରେ ଫୋନକୁ ସାଇଡ଼ରେ ରଖି ଚାମୁଚ଼ରେ ଏହାର ବୁନ୍ଦାକୁ ନେଇ ଏକ ପ୍ଲେଟରେ ସେହି ବିରିୟାନୀକୁ ଏକାଠି କରିବା ସହିତ ଏଥିରେ ଥମସ ଅପର ଶୀତଳତାକୁ ବେଶ୍ ଭଲ ଭାବରେ ଏକାଠି କରିପାରିଛି। ଲୋକପ୍ରିୟ ଚ଼ଳଚ୍ଚିତ୍ର ନିର୍ମାତା କାର୍ତିକ ସୁବ୍‌ବାରାଜଙ୍କ ନିର୍ଦ୍ଦେଶନାରେ ଏହି ଟିଭିସି ଶାହାରୁଖ ଖାନ ଏବଂ ଜଗପଥି ବାବୁଙ୍କ ଉଦ୍ଦିପନା ଭରା ଉପସ୍ଥିତିରେ ଖୋଲିବା ସହିତ ଏହାକୁ ଏକ ତୋଫାନୀ ଅଭିଜ୍ଞତାରେ ପରିଣତ କରିଛି ଯେତେବେଳେକି ବିରିୟାନୀ ଏବଂ ଥମସ ଅପ ଏକା ସାଙ୍ଗରେ ଏଠାରେ ଉପସ୍ଥିତ ଜାହିର କରିଛନ୍ତି।

## ଆବ୍ରିଲ ପେପର୍ ଟେକ୍ ପବ୍ଲିକ ଇସ୍ୟୁରୁ ୧୩.୪୨ କୋଟି ସଂଗ୍ରହ ଯୋଜନା

**ଭୁବନେଶ୍ୱର,୩।୯ (ମହାଭାରତ):** ସବ୍‌ଲାଇମେସନ ହିଟ୍ ଟ୍ରାନ୍ସଫର ପେପର୍‌ର ଏକ ଅଗ୍ରଣୀ ଉତ୍ପାଦନକାରୀ ଓ ଯୋଗାଣକାରୀ ସୁରଟସ୍ଥିତ ଆବ୍ରିଲ ପେପର ଟେକ୍ ଲିମିଟେଡ ତାହାର ଏସଏମଇ ପବ୍ଲିକ ଇସ୍ୟୁରୁ ୧୩.୪୨ କୋଟି ଟଙ୍କା ସଂଗ୍ରହ ନିମନ୍ତେ ଯୋଜନା କରୁଛି। କମ୍ପାନୀ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ଏସଏମଇ ପ୍ଲାଟଫର୍ମରେ ତାହାର ପବ୍ଲିକ ଇସ୍ୟୁ ଶୁଭାରମ୍ଭ କରିବା ନିମନ୍ତେ ଅନୁମୋଦନ ହାସଲ କରିଛି। ସବ୍‌ସ୍କ୍ରିପ୍‌ସନ ନିମନ୍ତେ ପବ୍ଲିକ ଇସ୍ୟୁ ୨୦୨୫ ଅଗଷ୍ଟ ୨୯ରେ ଉନ୍ମୁକ୍ତ ହେଉଛି ଏବଂ ୨୦୨୫ ସେପ୍ଟେମ୍ବର ୨ ତାରିଖରେ ବନ୍ଦ ହେବ। ଇଣ୍ଟରଆକ୍ଟିଭ ଫାଇନାନ୍‌ସିଆଲ ସର୍ଭିସେସ୍ ଲିମିଟେଡ ଇସ୍ୟୁର ବୁକ୍ ରନିଂ ଲିଡ ମ୍ୟାନେଜର ରହିଛି।

ପ୍ରିନ୍ସ ଲାଠିୟାର, ବିପୁଲ ଦୋବାରିଆ ଏବଂ ଆଶିଶ୍ୱିନ ଲାଠିୟାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଏହି କମ୍ପାନୀର ସବ୍‌ଲାଇମେସନ ଓ ହିଟ୍ ଟ୍ରାନ୍ସଫର ପେପର୍ ସମାଧାନ କ୍ଷେତ୍ରରେ ଶିଳ୍ପରେ ୮ ବର୍ଷର ବିଶେଷ ଅଭିଜ୍ଞତା ରହିଛି। ସମ୍ପ୍ରତି ଆବ୍ରିଲ ସୁରଟରେ ବାର୍ଷି;କ ୬୦୦ ଲକ୍ଷ ମିଟର ସ୍ଥାପିତ କ୍ଷମତା ବିଶିଷ୍ଟ ଏକ ଉତ୍ପାଦନକାରୀ ଏବଂ ପଣ୍ୟାଗାର ସୁବିଧା ପରିଚାଳନା କରୁଛି। ସମ୍ପ୍ରସାରଣ ପରବର୍ତ୍ତୀ ସମୟରେ ଏହା ଡିଜିଟାଲ ସମାଧାନଗୁଡିକ ନିମନ୍ତେ ଉଚ୍ଚ ଗୁଣାତ୍ମକ ମାନର ସବ୍‌ଲାଇମେସନ ପେପର ପାଇଁ ଉନ୍ନତ ପ୍ରଯୁକ୍ତିରେ ସୁସଜ୍ଜିତ ହେବା ସହିତ ଏହି କ୍ଷମତା ବାର୍ଷିକ ୧,୪୫୦ ଲକ୍ଷ ମିଟରକୁ ବୃଦ୍ଧିପାଇବ।

କମ୍ପାନୀ ୩୦, ୬୫, ୭୫ ଏବଂ ୯୦ ଆଦି ବହୁଧା ଜିଏସଏମ୍ ବିଭାଗରେ ସବ୍‌ଲାଇମେସନ ହିଟ୍ ଟ୍ରାନ୍ସଫର ପେପର୍ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ହାସଲ କରିଛି, ଯାହା ମୁଦ୍ରଣ, ପୋଷାକ, ବୟନଶିଳ୍ପ, ହୋସିଏରୀ, କର୍ଟେନ ଏବଂ ଫର୍ଣ୍ଣିଚର ଶିଳ୍ପରେ ବିବିଧ ଉଦ୍ଦେଶ୍ୟରେ ପ୍ରୟୋଗ ଆବଶ୍ୟକତା ପୂରଣ କରୁଛି। ଏଥିସହିତ ଆବ୍ରିଲ୍ ହିଟ୍ ଟ୍ରାନ୍ସଫର ପେପର, ସ୍ପେଶାଲାଇଜଡ୍ ଫ୍ରେମ ଏବଂ ପିପି ସିଟ୍ ଆଦି ଉତ୍ପାଦନ ନିମନ୍ତେ କାରଖାନା ସ୍ଥାପନ ଦ୍ୱାରା ସମସ୍ତ ଆନୁଷଙ୍ଗିକ କ୍ଷେତ୍ରକୁ ସଂଯୁକ୍ତ କରିବା ଯୋଜନା କରିଛି, ଯେଉଁଥିରେ ରପ୍ତାନି ବଜାର ଉପରେ ଦୃଢ ଭାବରେ ଦୃଷ୍ଟିନିବଦ୍ଧ କରାଯାଉଛି।

## ୨୦୩୬ ସୁଦ୍ଧା ଓଡ଼ିଶାରେ ହେବ ୧୫ ବିମାନବନ୍ଦର

**ଭୁବନେଶ୍ୱର,୩।୯ (ମହାଭାରତ):** ଓଡ଼ିଶା ଏହାର ବିମାନ ଚଳାଚଳ କ୍ଷେତ୍ରକୁ ଏକ ଅଭିବୃଦ୍ଧି ଇଞ୍ଜିନରେ ପରିଣତ କରିବା ସହିତ ନୂତନ ଉଡ଼ାଣ ପଥ ପାଇଁ ପ୍ରସ୍ତୁତ ହେଉଛି। ନିକଟରେ ପୂର୍ବାଞ୍ଚଳ ରାଜ୍ୟ ମନ୍ତ୍ରୀମାନଙ୍କ ବେସାମରିକ ବିମାନ ଚଳାଚଳ ସମ୍ମିଳନୀରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ରାଜ୍ୟ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି ଯାହା ସିଧାସଳଖ ବୃହତ ବିକଶିତ ଓଡ଼ିଶା-୨୦୪୭ ମିଶନ ସହିତ ଜଡିତ।

୨୦୩୬ ସୁଦ୍ଧା ରାଜ୍ୟରେ ୧୫ଟି କାର୍ଯ୍ୟକ୍ଷମ ବିମାନବନ୍ଦରର ଲକ୍ଷ୍ୟ ରହିଛି, ଯାହା ବେସାମରିକ ବିମାନ ଚଳାଚଳ ନୀତି ୨୦୨୨ ଏବଂ ନୂତନ ଗନ୍ତବ୍ୟସ୍ଥଳ ନୀତି ୨୦୨୪ ଉପରେ ଆଧାରିତ। ଏହା ଉଭୟ ଯୋଗାଯୋଗ ବୃଦ୍ଧି ଏବଂ ସେବା ରହିତ ଅଞ୍ଚଳଗୁଡ଼ିକୁ ବିମାନ ଚଳାଚଳ ନେଟୱାର୍କରେ ସାମିଲ ପାଇଁ ଡିଜାଇନ୍ କରାଯାଇଛି। ରାଜ୍ୟ ଶିଳ୍ପ ନୀତି ୨୦୨୨ ମାଧ୍ୟମରେ, ଓଡ଼ିଶା ଆନୁଷ୍ଠାନିକ ଭାବରେ ବିମାନ ଚଳାଚଳ ଏବଂ ରକ୍ଷଣାବେକ୍ଷଣ ଏବଂ ମରାମତି (ଏମଆରଓ) ସୁବିଧାଗୁଡ଼ିକୁ ଥ୍ରଷ୍ଟ ସେକ୍ଟର ଭାବରେ ସ୍ୱୀକୃତି ଦେଇଛି। ଏହି ନୀତିଗତ ସ୍ଥିତି ପ୍ରମୁଖ ନିବେଶକଙ୍କୁ ଆକର୍ଷିତ କରିବ, ଏକ ଆକାଶପଥରେ ଇକୋସିଷ୍ଟମ ସୃଷ୍ଟି କରିବ ଏବଂ ହଜାର ହଜାର ଦକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ବି-ମାନ୍ (ବିମାନ ସମ୍ପତ୍ତି ଏବଂ ନେଟୱାର୍କର ନିର୍ମାଣ ଏବଂ ପରିକଳ୍ପନା) ଯାହା ୪,୨୦୦ କୋଟି ଟଙ୍କାର ବଜେଟ୍ ସହିତ ଏକ ପାଞ୍ଚ ବର୍ଷର ପଦକ୍ଷେପ। ଏହାର ଲକ୍ଷ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଛି ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ଝାରସୁଗୁଡ଼ା ବିମାନବନ୍ଦରର ସମ୍ପ୍ରସାରଣ, ଏକ ଦୃଢ଼ ରାଜ୍ୟ ନେଟୱାର୍କ ପାଇଁ ବିମାନଘାଟି ଏବଂ ଆଞ୍ଚଳିକ ବିମାନବନ୍ଦରକୁ ସୁଦୃଢ଼ କରିବା। ଏଥି ସହିତ ଆଦିବାସୀ ଝିଅମାନଙ୍କ ପାଇଁ ଏକ କ୍ୟାଡେଟ୍ ପାଇଲଟ୍ କାର୍ଯ୍ୟକ୍ରମ ସହିତ ଏକ ବିମାନ ଚଳାଚଳ ତାଲିମ ଏକାଡେମୀ ସ୍ଥାପନ କରିବା, ଅର୍ନ୍ତଜାତୀୟ ସହଭାଗୀତାରେ ଏକ ଅତ୍ୟାଧୁନିକ ଏମଆରଓ ସୁବିଧା ପ୍ରତିଷ୍ଠା କରିବା। ବିମାନ ଚଳାଚଳ ଓଡ଼ିଶାର ଅର୍ଥନୀତିର ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ମଧ୍ୟରୁ ଗୋଟିଏ ହେବ। ବିମାନ ସଂଯୋଗକୁ ବିସ୍ତାର କରି, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରି ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରି, ଆମେ କେବଳ ବିମାନବନ୍ଦର ଖୋଲିବା ନୁହେଁ - ଆମେ ସୁଯୋଗ ମଧ୍ୟ ଖୋଲିବା। ଏହା ଆମର ଯୁବପିଢ଼ିଙ୍କୁ ସଶକ୍ତ କରିବା, ଆମ ଲୋକଙ୍କୁ ସଂଯୋଗ କରିବା ଏବଂ ଓଡ଼ିଶାକୁ ବିକଶିତ ଓଡ଼ିଶା-୨୦୪୭ ସ୍ୱପ୍ନର ନିକଟତର କରିବା ସହିତ ରଣନୈତିକ ନୀତି, ଦୃଢ଼ ନିବେଶ ଏବଂ ଅନ୍ତର୍ଭୁକ୍ତିମୂଳକ କାର୍ଯ୍ୟକ୍ରମ ସହିତ, ଓଡ଼ିଶା ନିଜକୁ ଭାରତର ଭବିଷ୍ୟତର ବିମାନ ଚଳାଚଳ କେନ୍ଦ୍ର ଭାବରେ ସ୍ଥାନିତ କରିବାକୁ ଯାଉଛି ବୋଲି ଶ୍ରୀମତୀ ପାଢୀ କହିଥିଲେ।

# ଆତ୍ମନିର୍ଭରଶୀଳ ଅପରିହାର୍ଯ୍ୟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ କମିଟି ୭୦ହଜାର ୫୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ମଧ୍ୟରେ ଅତ୍ୟାଧୁନୀକ ଗନଠାରୁ ଆରମ୍ଭ କରୁ ସୁପରସୋନିକ ମିଶାଇଲ ପର୍ଯ୍ୟନ୍ତ ଅନେକ ୱିପନ ସିଷ୍ଟମ ରହିଛି। ଏହା ଉଭୟ ସ୍ଥଳସେନା ଏବଂ ନୌସେନାରେ ବ୍ୟବହୃତ ହେବ। ଏହା ଫଳରେ ଭାରତୀୟ ସେନା କେବଳ ସଶକ୍ତ ହେବ ନାହିଁ, ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଶିଳ୍ପ ମଧ୍ୟ ସମୃଦ୍ଧ ହେବ। କାରଣ ପ୍ରସ୍ତାବିତ ୭୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ୯୫ ପ୍ରତିଶତ ସ୍ୱଦେଶୀ ସଂସ୍ଥାରୁ କ୍ରୟ କରାଯିବ। ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ଅନୁମୋଦିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୨ ଲକ୍ଷ କୋଟି ଟଙ୍କାକୁ ଟପିଛି। ସ୍ୱଦେଶୀ ସାମଗ୍ରୀ କ୍ରୟ ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ । ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ।

# ଜଳକଷ୍ଟ ଓ ମାନବ ସମାଜ ପାଇଁ ଜଳର ଉପଯୋଗିତା


“ ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି ।



॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥


ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ବର୍ତ୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ। ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସଁ ସଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ।

ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ ଦୁର୍ଭାଗ୍ୟଜନକ ଇଙ୍ଗିତ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।


ପାରାଦ୍ୱୀପ, ଓଡ଼ିଶା
ଦୂରଭାଷ : ୯୪୩୭୦୨୨୦୬୧


# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର”– ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଙ୍କ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ସତରେ ଘର ହିଁ ସ୍ୱର୍ଗ – ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ – ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର । ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ ନେଇ। ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ଏହା ହିଁ ହେଉଛି ଆର୍ଯ୍ୟସ୍ଥାନ ଭାରତବର୍ଷର ବିଶେଷତ୍ୱ। ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ । ଘର ହିଁ ଦେବତାଙ୍କ ନିବାସ, ଦେବାଳୟ । ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ । ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି । ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ । ଆର୍ଯ୍ୟ ଭାରତର ପରମ୍ପରାକୁ ଅବଲମ୍ବନ କରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଗୁରୁ ହିଁ ହେଉଛନ୍ତି ସଦ୍‌ଗୁରୁ, ସେ ହିଁ ପଥ ପ୍ରଦର୍ଶକ। ସେ ହିଁ ପରିବାର ଭିତରେ ସମନ୍ୱୟ ରକ୍ଷା କରନ୍ତି। ଆବାଳ ବୃଦ୍ଧ ବନିତାଙ୍କୁ ସେ ହିଁ ବୁଦ୍ଧି ଯୋଗ ପ୍ରଦାନ କରିଥାନ୍ତି। ଗୁରୁ ହିଁ ହେଉଛନ୍ତି ଜୀବନର କୀଳକେନ୍ଦ୍ର, ବସୁଧୈବ କୁଟୁମ୍ବକମ୍‌ର କେନ୍ଦ୍ରବିନ୍ଦୁ, ପ୍ରେମର ପରମାଣୁ। କଥାରେ ଅଛି – ‘ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।’ ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ ।

ଏକ ମାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାର ସୂତା । ସମାଜରେ ଏହି ସୂତା ହେଉଛି ସଂସ୍କାର । ସଂସ୍କାର ନୈତିକ ଆଚରଣ ରଙ୍ଗରେ ରଙ୍ଗେଇ ହୋଇଥାଏ । ସମାଜରେ ଆସୁଥିବା ସବୁ ପରିବର୍ତ୍ତନ, ସଭ୍ୟତା ନାଁରେ ଆସୁଥିବା ପ୍ରଭାବ ସତ୍ତ୍ୱେ ଯଦି ସୂତାରେ ଗଣ୍ଠି ନପଡ଼େ ତାହେଲେ ଆମ ସମାଜ, ଆମ ସଭ୍ୟତାର ମାଳା ଅକ୍ଷୁର୍ଣ୍ଣ ରହିବ । ଏ କଥା ପରିବାର ସଂଖ୍ୟାରେ ବୃଦ୍ଧି, ସଦସ୍ୟମାନଙ୍କ ମଧ୍ୟରେ ତାଳମେଳର ଅଭାବ, ଚପଗ୍ରସ୍ତ ବାତାବରଣ, ଦେବାର ଭାବନା ନ ରହିବ, ନିଜ ଖୁସି ଖୋଜିବାର ଆଗ୍ରହ, ସଦସ୍ୟମାନଙ୍କ ମଧ୍ୟରେ ବାର୍ତ୍ତାଳପର ଅଭାବ, ଆଦି ନିରବରେ ଅନେକ କିଛି କରିଯାଏ । ଏହି ଛୋଟ ଛୋଟ କଥା ମଜଭୁତ ସୂତାକୁ କେତେବେଳେ ଦୁର୍ବଳ କରିଦେଉଛି ସେ କଥା ବି ଜଣାପଡ଼େନି ।

ହେଲେ ସଂଧ୍ୟା ପୂର୍ବରୁ ଦୀପ ଲଗାଇଦେଲେ ଘର ଅନ୍ଧାର ହୁଏନି । ଏବେ ବି ସମୟ ହାତରୁ ଯାଇନି, ଗୋଟିଏ ପିଢ଼ି ପର ପିଢ଼ିକୁ ସଂସ୍କାର ହସ୍ତାନ୍ତର କରିପାରିବ ଉତ୍ତରାଧିକାର ସୂତ୍ରରେ । ତା ହେଲେ କ’ଣ କରିବେ ? କ’ଣ କଲେ ପରିବାର – ସମାଜର ମାଳା ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବ ? ଆଜିର ବ୍ୟସ୍ତ ସମୟରେ ସମୟ ନାହିଁ କାହା ପାଖରେ । ତା ଭିତରେ ବି ସମୟ କାଢ଼ିବାକୁ ହେବ ପରିବାର ପାଇଁ, ପର ପିଢ଼ି ପାଇଁ । ପ୍ରଥମେ ଏଥିପାଇଁ ବାଛନ୍ତି ଦିନଟିଏ । ପିଲାଙ୍କ ଜନ୍ମ ଦିନ ଏମିତି ଏକ ଅବସର । ପୁରା ପରିବାର ଏକାଠି ଖୁସି ମନାଏ ଏ ଦିନରେ । ତେଣୁ ସମସ୍ତଙ୍କ ସହ ମିଶି ଏକ ରୀତି ପରି ପାଳନ କରନ୍ତୁ ଏ ଦିନକୁ । ଜନ୍ମ ଦିନରେ ବଡ଼ମାନେ ଉପହାର ଓ ଆଶୀର୍ବାଦ ତ ଦିଅନ୍ତି । ହେଲେ ପ୍ରତିବର୍ଷ ପିଲାଙ୍କୁ ସଂସ୍କାରଟିଏ ମଧ ଉପହାର ଦିଅନ୍ତୁ । ବଡ଼ମାନଙ୍କୁ ସମ୍ମାନ କରିବା ହେଉ କି ସମସ୍ତଙ୍କୁ ସାହାଯ୍ୟ କରିବା ହେଉ । ସବୁବେଳେ ସତ କହିବାର ଶିକ୍ଷା ହେଉ ବା ଠିକ୍ ସମୟରେ କାମ କରିବାର ଶିକ୍ଷା । ପିଲାର ବୟସ ଅନୁଯାୟୀ ସଂସ୍କାର ବାଛି ତାକୁ ଦିଆଯାଇପାରେ । ଆପଣ ଚାହିଁଲେ ଦୁଇ-ତିନି ସଂସ୍କାର ମଧ୍ୟରୁ ଗୋଟିଏକୁ ବାଛିବା ନିମନ୍ତେ ପିଲାକୁ ବିକଳ୍ପ ଦିଅନ୍ତୁ । ଏ ସମ୍ପର୍କରେ ଜନ୍ମ ଦିନରେ କିଛିଦିନ ଆଗରୁ ପରିବାରର ବଡ଼ମାନେ ବସି ବିଚାରବିମର୍ଶ କରିନେବା ଉଚିତ । ସଂସ୍କାରର ବିଭିନ୍ନ ବିକଳ୍ପ ମଧ୍ୟରୁ ଗୋଟିକୁ ବାଛିବା ନିମନ୍ତେ ପିଲାଙ୍କୁ କୁହନ୍ତୁ । ଏହାର ଲାଭ କ’ଣ ସେ କଥା ମଧ ପିଲାଙ୍କୁ ବୁଝାଇ ଦେବା ଦରକାର ।

ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି । ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ । ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର । କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି । ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ । ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ । ପିଲା ପରିବାର ଓ ସମାଜକୁ ଭଲପାଇ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର ।

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି । ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାଣ୍ଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ । ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ’ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନେ ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢ଼େଉ, ସେଠି ଆଜି ନିସ୍ତବ୍ଧ ନିର୍ଜନତା । ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠଶାଠ ଆଉ ଚାକିରି ସବୁକିଛି ବାହାରେ, ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ । ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପ୍‌ଟପ୍ ଆଉ ମୋବାଇଲର ମାୟା ଭିତରେ । କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷ । ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି । ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବ ଅନୁଭବ କରୁଥିଲେ । ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ‘ମାଟିର ମଣିଷ’, ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠି ନାହିଁ । ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ । ତଥାପି କିଛି ଏକାନ୍ନବର୍ତ୍ତୀ ଛୋଟ ଛୋଟ ପରିବାର ରହିଛି । ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି । ଘର ହିଁ ସ୍ୱର୍ଗ । ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ । ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ । ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ । ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ । ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ । ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି । ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା । ସେହି ବୈକୁଣ୍ଠ ସମାନ ଗୃହରୁ ଶୁଣାଯାଉଛି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱର – ‘ପିତାଙ୍କୁ ଶ୍ରଦ୍ଧା ମାଙ୍କୁ ଟାଣ, ସେହି ଶିଶୁ ହୁଏ ସାମ୍ୟପ୍ରାଣ। ମାତୃଭକ୍ତି ଅଟୁଟ ଯେତେ ସେହି ଶିଶୁ ହୁଏ କୃତୀ ସେତେ। ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ତପର ନନ୍ଦନା, ପିତୃ ପ୍ରୀତି ଟାଣି ଆଣେ ସବୁ ଦେବତାର ବନ୍ଦନା।’


ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ


# ସୁନା ପିଲା


॥ ଅନୀତା ପଟ୍ଟନାୟକ ॥


ସିଲେ ଓ ସୁଶ୍ରୀ ଦୁଇ ଭାଇ ଭଉଣୀ ଥିଲେ। ସେମାନେ ଯାଆଁଳା ହୋଇ ଥିବାରୁ ଗୋଟିଏ ଶ୍ରେଣୀରେ ପଢୁଥିଲେ। ତାଙ୍କ ଶିକ୍ଷକ ସେମାନଙ୍କୁ ଭଲ ପିଲା ହେବା ପାଇଁ ଭଲ କଥା ସବୁ ଶିଖାଉଥିଲେ। ଯଥା ଦୟା ଏକ ଭାଷା ତାହା ମୁକ କହିପାରେ ଏବଂ ବଧିର ଶୁଣିପାରେ ଏବଂ ବୁଝିପାରେ ଆତ୍ମାନନ୍ଦରେ ରହୁଥିବା ମଣିଷ କେବେ ଗରିବ ନୁହେଁ। ନିରାନନ୍ଦରେ ରହୁଥିବା ମଣିଷ କେବେ ଧନୀ ହୋଇପାରେନା। ଅଭ୍ୟାସ ମଣିଷର ଏକ ଭଲ ବନ୍ଧୁ ଓ ଶତ୍ରୁ ମଧ୍ୟ। ଅନୁକମ୍ପା କେବେ ବେକାର ଯାଏନାହିଁ ଯେ ପର୍ଯ୍ୟନ୍ତ ତୁମେ ତାକୁ ଛାଡ଼ି ନ ଦେଇଛ। ତୁମ ପାଖରେ କଣ ଅଛି, ଯେତେ ବଡ଼କଥା ନୁହେଁ ବରଂ ପ୍ରକୃତରେ ତୁମେ କଣ ତାହା ବଡ଼କଥା।

ବିଲେ ଓ ସୁଶ୍ରୀ ଏପରି କଥାଶୁଣି ସେମାନେ କିପରି ଭଲ ପୁଅ ଓ ଭଲ ଝିଅ ହୋଇପାରିବେ ଓ ଶିକ୍ଷକଙ୍କ ପରି ଜଣେ ଭଲ ମଣିଷ ହୋଇପାରିବେ, ଭଲ କଥା ଓ କାମ କରିପାରିବେ ସେ ବିଷୟରେ ମାଆଙ୍କ ଠାରୁ ବୁଝିବାକୁ ଚାହିଁଲେ। ବିଲେ ପଚାରିଲା ମାଆ ମୁଁ କଣ କଲେ ସମସ୍ତେ ମତେ ଭଲ ପିଲା ବୋଲି କହିବେ। ମାଆ କହିଲେ ବିଲେ ତୁମେ ଏକ ଉଦାହରଣ ନିଅ। ସଫା ସୁତୁରା ରହିବା ଭାବକୁ ଦିବ୍ୟତ୍ୱ ସହ ତୁଳନା କରାଯାଇଛି। ଅପରିଷ୍କାର ଓ ଅପରିଚ୍ଛନ୍ନ ଲୋକଙ୍କୁ କେହି ଭଲ ପାଆନ୍ତି ନାହିଁ ଏପରିକି ଭଗବାନ ମଧ୍ୟ। ତୁମର ପରିଷ୍କାର ପରିଚ୍ଛନ୍ନତା ତୁମର ନଖକୁ ଦେଖିଲେ ଜଣାପଡ଼ିବ। ନଖ ଭିତରେ ଜୀବାଣୁ ରହିଯାଆନ୍ତି ତେଣୁ ଆମେ ବଡ଼ ବଡ଼ ନଖ ରଖିବା ଉଚିତ ନୁହେଁ। ପ୍ରତି ସପ୍ତାହରେ ଆମେ ନଖକୁ କାଟି ଦେବା ଉଚିତ। ଏହାଦ୍ୱାରା ଆମେ ଅନେକ ରୋଗରୁ ମୁକ୍ତି ପାଇ ପାରିବା ଓ ହାତ ସଫା ରହିବ। ବିଲେ କହିଲା ମୋ ନଖ ବଡ଼ନୁହେଁ କିନ୍ତୁ ସୁଶ୍ରୀ ତାର ସାଙ୍ଗ ମାନଙ୍କ ଠାରୁ ଦେଖି ତାର ନଖ ବଢ଼ାଉଛି। ମାଆଙ୍କୁ ସୁଶ୍ରୀ କହିଲା କାଲି ତୁମେ ଦୟା କରି ମୋର ନଖ ଗୁଡ଼ିକୁ କାଟିଦେବ। ନଖ ବଢ଼ାଇବା କେବେ ସୌନ୍ଦର୍ଯ୍ୟର କାରଣ ହୋଇନପାରେ। ମୁଁ ଜୀବଜନ୍ତୁ ବା ବାଘୁଣୀ ହେବାକୁ ଚାହୁଁନି। ମୁଁ ଭଲ ଝିଅ ହେବାକୁ ଚାହୁଁଛି। ହେଲେ ତୁମର ମୋ ପାଇଁ ଉପଦେଶ କ’ଣ ? ମା କହିଲେ ବର୍ତ୍ତମାନ ଯୁଗରେ ଟେଲିଭିଜନ ଓ ମୋବାଇଲ ଫୋନ ସମସ୍ତଙ୍କର ଭଲ ସାଙ୍ଗ ହୋଇଉଠିଛି। ତୁମେ ଭଲ ପୋଗ୍ରାମ ଦେଖି ପାରିବ। ଯଦି ଜାଣି ନପାରୁଛ ତେବେ ବାପା ମାଆଙ୍କୁ ପଚାରି ବୁଝିପାର କେଉଁ ଗୁଡ଼ିକ ତୁମର ଦରକାର। ଟେଲିଭିଜନ ଓ ମୋବାଇଲ ଫୋନକୁ ଆଖି ପାଖରେ ଲଗାଇ ଦେଖନାହିଁ ତାହା ତୁମର ଆଖି ଓ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇବ। ଏପରି କଲେ ତୁମକୁ ସମସ୍ତେ ଭଲ ଝିଅ ବୋଲି କହିବେ। ବିଲେ କହିଲା ମୁଁ କଣ କଲେ ବାପା ଓ ତୁମେ ମତେ ଭଲ ପିଲା ବୋଲି କହିବ ? ମାଆ କହିଲେ ତୋର ପଢ଼ାଘର, ଘର ଓ ପରିବେଶକୁ ତୁ ସଫା ରଖିବୁ ତତେ ସମସ୍ତେ ଭଲ ପିଲା କହିବେ। ଏହାର ଏକ ସୁନ୍ଦର ଉପାୟ ଅଛି। ଘରେ ରଖାଯାଇଥିବା ଜିନିଷକୁ ଏପଟ ସେପଟ କରନାହିଁ ଯାହା ଯେଉଁ ଜାଗାରେ ଅଛି ସେଠାରେ ରହିବାକୁ ଦିଅ। ବହିଥାକରୁ ବହି ଆଣି ପଢ଼ି ସାରିବା ପରେ ପୁଣି ଯଥା ସ୍ଥାନରେ ରଖିଦିଅ। ଏପରି ଅଭ୍ୟାସ ଆମେ ଘରୋଇ ବ୍ୟବହାର୍ଯ୍ୟ ଜିନିଷ ପତ୍ର ମଧ୍ୟ ପ୍ରଜୁଜ୍ୟ କରିବା ଉଚିତ।

ସୁଶ୍ରୀ କହିଲା ଭାଇ ତାର ବହିକୁ ଠିକ ଜାଗାରେ ରଖେନା କାଗଜ କାଟି ଘର ସାରା ଏଣେ ତେଣେ ଫିଙ୍ଗେ। ପଢ଼ା ଟେବୁଲକୁ ସଫା ରଖେନା। ଖାଇଲା ବେଳେ ତଳେ ଖାଇବା ପକାଇ ଦିଏ। କାଲି ବାପା ଗାଧୋଇବାକୁ ଗଲାବେଳେ ଦେଖିଲେ ଗାଧୋଇବା ଘରେ ମଗ ନାହି। ତାହା ବିଲେର ପଢ଼ା ଟେବୁଲ ଉପରେ ଥୁଆ ହୋଇଥିଲା ଓ ସେ ରଙ୍ଗ ଗୋଳାଉଥିଲା। ବିଲେ କହିଲା ମୁଁ ବୁଝିଗଲି ଆଜି ଠାରୁ ଏପରି ଭୁଲ ଆଉ କରିବି ନାହିଁ। ସୁଶ୍ରୀ କହିଲା ତୁମେ ସବୁକଥା ଭାଇକୁ କହୁଛ ସେ କିପରି ଭଲ ପିଲା ହେବ ମୋ ପାଇଁ କିଛି କୁହ। ମା କହିଲେ ହଁ ତୋ ପାଇଁ ଏକ ବଡ଼ କଥା ଭୁଲି ଯାଇଛି ତତେ କହୁଛି। ଗୋଟିଏ ଝିଅ ବଦଖର୍ଚ୍ଚି ହେବା ଉଚିତ ନୁହେଁ। ଏହା ମୁଁ କେବଳ ପଇସା ଦୃଷ୍ଟିକୋଣରୁ କହୁନାହିଁ। ଆମେ ଘରର ପାଣି କଳକୁ ମନଇଚ୍ଛା ଖୋଲିଦେବା ଉଚିତ ନୁହେଁ। ଏହାଦ୍ୱାରା ଆମେ ଦେଶର କ୍ଷତି କରୁଛୁ। ଜଳ ହିଁ ଜୀବନ। ତେଣୁ ଆମେ ଜଳ ସଂରକ୍ଷଣ କରିବା ଉଚିତ। ପାଣିକଳ ଖୋଲୁଥିବା ସମୟରେ ପାଣି ବ୍ୟବହାର କରି ସାରିବା ପରେ ତୁରନ୍ତ ପାଣି କଳକୁ ବନ୍ଦ କରିଦେବା ଉଚିତ। ସୁଶ୍ରୀ ତୁମେ ଅନେକ ସମୟରେ ଘରର ଲାଇଟ ଓ ପଙ୍ଖା ବନ୍ଦ କରିବାକୁ ଭୁଲି ଯାଉଛ। ଏହା ଶକ୍ତିର ଅପବ୍ୟବହାର। ଭଗବାନ ଏପରି କରୁଥିବା ଲୋକ ମାନଙ୍କୁ ଭଲ ପାଆନ୍ତି ନାହିଁ। ଆମେ ଖର୍ଚ୍ଚ କାଟ କରିବା ଉଚିତ। ଯାହା ଆମକୁ ମିଳୁଛି ତାହାକୁ ଆମେ ସଦବ୍ୟବହାର କରିବା ଉଚିତ। ଆମେ ଭଲ ବହି ପଢ଼ିବା ଓ ଭଲ କାମ କରିବା। ବେଶୀ ପଇସା ମିଳିଲେ ଆମେ ତାକୁ ସଞ୍ଚୟ କରିବା। ସଞ୍ଚୟ ଧନ ଅଧିକ ହେଲେ ଆମେ ତାକୁ ଭଲ କାମରେ ବିନିଯୋଗ କରିବା। ବାପା ଅଫିସରୁ ଫେରି ଆସି ଦେଖିଲେ, ଘରଟି ଅଲଗା ଅଲଗା ଲାଗୁଛି। ବିଲେର ବହିପତ୍ର ସଜଡ଼ା ହୋଇ ରହିଛି। ପଙ୍ଖା, ଲାଇଟ, ପାଣି ସବୁ ବନ୍ଦ ଅଛି। ଯେପରି ଶକ୍ତିର ଉପଯୁକ୍ତ ବ୍ୟବହାର ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ। ମା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ଓ ସୁସ୍ୱାଦ ଖାଦ୍ୟ ପରିଷି ଦେବାରେ ଆଜି ପିଲାମାନେ ବିରୋଧ କଲେନାହିଁ। ବାପାଙ୍କ ପାଟିରୁ ବାହାରିଗଲା ମୋ ପୁଅ ଝିଅ ଭଲ ପିଲା ହୋଇଗଲେଣି।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ନେଟୱର୍କ ନଥିବାରୁ ରାସ୍ତା କଡ଼ରେ ଖୋଲା ଆକାଶରେ ଚାଲିଛି ଗ୍ରାହକ ସେବା କେନ୍ଦ୍ର

ନାରାୟଣପାଟଣା, (ମହାଭାରତ) : ଆଧୁନିକ ବୈଜ୍ଞାନିକ ଦୁନିଆରେ ମୋବାଇଲ ସେବା ଏବେ ଜରୁରୀ ହୋଇପଡିଛି। ଟେକ୍ନୋଲୋଜି ଯୋଗୁଁ ସରକାରୀ ସବୁ ସରକାରୀ ଯୋଜନା ମୋବାଇଲ ସହ ଆଧାର ,ବୀମା କାର୍ଡ , ବାର୍ଦ୍ଧକ୍ୟ ଭତ୍ତା ,ରାସନ ସାମଗ୍ରୀ ସହ ସମସ୍ତ ସରକାରୀ ଯୋଜନା ସବୁ ଆନ ଲାଇନ ରେ କରାଯାଉଛି ।ଏପରିକି ବ୍ୟାଙ୍କ ସେବା , ସ୍ୱାସ୍ଥ୍ୟ ବୀମା କାର୍ଡ ସବୁକିଛି । ଏମିତି କି ଗାଁ ଗାଁ ରେ ବ୍ୟାଙ୍କ ସେବା ବ୍ୟବସ୍ଥା କରି ଗ୍ରାହକ ନିଜ ଅଂଚଳରେ ଟଙ୍କା ଉଠାଣ ଜମା କରିବା ପାଇଁ ଗ୍ରାହକ ସେବା କେନ୍ଦ୍ର କରିଛନ୍ତି। ଯେଉଁଥିରେ ଗାଁ ଗହଳିର ଗ୍ରାହକ ବ୍ୟାଙ୍କ ଙ୍କୁ ଖର୍ଚ୍ଚାନ୍ତ ନ ହୋଇ ହାତ ପାହାନ୍ତା ରେ ସେବା ମିଳୁ । କିନ୍ତୁ ଏବେ ବି କିଛି ଗାଁ ରହିଛି ଯୋଉଠି ନେଟୱର୍କ ଅପହଞ୍ଚ ହୋଇଛି ।ଯା ଫଳରେ ଲୋକେ ନେଟୱର୍କ ନଥିବାରୁ ସରକାରୀ ସୁବିଧା ପାଇବା ପାଇଁ କୋଉଠି ପାହାଡ ଉପରେ ସେବା ଦେଉଛନ୍ତି ତ କୋଉଠି ରାସ୍ତା କଡ଼ରେ ।ଏ ଦୃଶ୍ୟ ଦର୍ଶାଉଛି ଯେ ଆଜି ବି ଗାଁ ଗହଳିରେ ରେ ଲୋକେ କିପରି ନେଟୱର୍କ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ।ଏ ଦୃଶ୍ୟ ଟି ନାରାୟଣପାଟଣା ବ୍ଲକ ଠାରୁ ୨୨ କିଲୋମିଟର ଦୁର ତଳଗୁମାଣ୍ଡି ପଂଚାୟତର ଭିତରପଡା ଗାଁ ରାସ୍ତା । ଘଂଚ ଜଙ୍ଗଲ ଖୋଲା ଆକାଶ ରେ ହାତରେ ଆଧାର କାର୍ଡ ଧରି ଠିଆ ହୋଇଛନ୍ତି ଆଦିବାସୀ ପୁରୁଷ ମହିଳା ବୃଦ୍ଧ ଓ ବୃଦ୍ଧା ଗ୍ରାହକ ।କାରଣ ସରକାର ଙ୍କ ସ୍ୱାସ୍ଥ୍ୟ ବୀମା ପାଇଁ ପଂଜୀକରଣ କରିବାର ଅଛି । ଗାଁ ରେ ନେଟୱର୍କ ନାହିଁ ।କି ଆଖପାଖରେ ସେବା ନାହିଁ ।ତେଣୁ ମୋଟରସାଇକେଲ ରେ ଲାପଟପ୍ ଧରି ଗ୍ରାହକ ସେବା କେନ୍ଦ୍ର ର ଯୁବକ ଜଣକ ଆନ୍ଧ୍ର ନେଟୱର୍କ ରେ ଦେଉଛନ୍ତି ସେବା ।କିଏ ଟଙ୍କା ଉଠାଉଛି ,ତ କିଏ ସ୍ୱାସ୍ଥ୍ୟ ସେବା କାର୍ଡ ପାଇଁ ପଂଜୀକରଣ କରୁଛି ।ଗତ ସପ୍ତାହ ହେବ ଚାଲିଛି ଏପରି ।ଲୋକେ ଖୁସୀରେ ଗ୍ରାହକ ସେବା କେନ୍ଦ୍ର ର ର ବ୍ୟକ୍ତି ସଦା ତାଡିଙ୍ଗି ଙ୍କୁ ଯାହା କିଛି ଅର୍ଥ ଦିଅନ୍ତି ।ଯୋଉଠି ଏତିକି ସେବା ପାଇଁ ୫ ଶହ ଟଙ୍କା ଖର୍ଚ୍ଚ କରି ଗାଡ଼ି ଭଡ଼ା କରି ନାରାୟଣପାଟଣା ଆସି କରିବାକୁ ପଡ଼ିଥାଏ ,ସେଠି ରାସ୍ତା କଡ଼ରେ ଆନ୍ଧ୍ର ନେଟୱର୍କ ରେ ରାସ୍ତା କଡ଼ରେ ମିଳୁଛି ସେବା । ଜନସାଧାରଣ ଙ୍କ କାମ ହେଉଛି , କିନ୍ତୁ ଅଶୋନ୍ତୋଷ ରହିଛି ।ସଦା ତାଡିଙ୍ଗି ଶିକ୍ଷିତ ଯୁବକ ହୋଇ ଚାକୀରି ନପାରି ନିଜ ଅଂଚଳର ଲୋକଙ୍କୁ ଗାଁ ରେ ହାତ ପାହାନ୍ତା ରେ ସେବା ଯୋଗାଇ ଆସୁଛନ୍ତି ।ସକାଳୁ ନାସ୍ତା କରି ସଦା ତାଡିଙ୍ଗି ନିଜ ମୋଟରସାଇକେଲ ଧରି ଲାପଟପ୍ ସହ ଗାଁ ଗାଁ କୁ ଯାଇ ସେବା ଦିଅନ୍ତି ।ସେଥିରୁ ଯାହା ମିଳେ ଚଳନ୍ତି ।ଏହା ତାଙ୍କ ଦୈନନ୍ଦିନ କାମ । ଗତବର୍ଷ ପଂଚାୟତ ସଦରକୁ ଜିଓ ନେଟୱର୍କ ଆସିଛି ।ତା ସ ?ହ ଅନ୍ୟ କିଛି ଗାଁ ରେ ଜିଓ ନେଟୱର୍କ ସେବା ମିଳୁଥିବା ବେଳେ ଭିତରପଡା ଗାଁ ରେ ସେବା ମିଳୁନି। ତେଣୁ ବାଧ୍ୟ ହୋଇ ଗାଁ ଠାରୁ ତଳକୁ ଓହ୍ଲାଇ ଏକ ନିଛାଟିଆ ପାହାଡିଆ ଜଙ୍ଗଲିଆ ରାସ୍ତା ରେ ଡଙ୍ଗଲ ସହାୟତାରେ ଜିଓ ନେଟୱର୍କ ରେ ରାସ୍ତା କଡ଼ରେ ଲାପଟପ୍ ଖୋଲି ସେବା ଯୋଗାଉଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନ କୁ ଏକ ଟାୱାର ବସେଇବା ପାଇଁ ଗ୍ରାମବାସୀ ଦାବି କରିଆସୁଥିବା ବେଳେ କେହି କି କର୍ଣ୍ଣପାତ କରୁନାହାନ୍ତି ।ଭିତରପଡା ଗାଁ ରେ ବି ଏସ୍ ଏନ୍ ଏଲ୍ ଅବା ଜିଓ ଟାୱାର ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ଟାୱାର ନିର୍ମାଣ ରେ ଠିକାଦାର ବିଳମ୍ବ ଯୋଗୁଁ ଲୋକେ ହୋଇ ରାଣ ହେଉଥିବା ନେଇ ପୁର୍ବତନ ବ୍ଲକ ଚେୟାରମେନ ମାଳତି ତାଡିଙ୍ଗି କହିଛନ୍ତି ।ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



## ପ୍ରଧାନମନ୍ତ୍ରୀ ଆବାସ ପାଇଲେ ଆଦିମ ମହିଳା ରେବତୀ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଗ୍ରାମ ପଞ୍ଚାୟତ ନିକଟସ୍ଥ ପଛୁଆ ଅବହେଳିତ ଆଦିବାସୀ ବହୁଳ ଚିଲି ପଥର ଗ୍ରାମର ପିତା ମାତା ହୀନ ଅବିବାହିତା ଆଦିବାସୀ ଭୂମିହୀନ ମହିଳା ରେବତୀ ଦଳବେହେରା (୫୦ )ବର୍ଷ ପ୍ରକଳ୍ପ ଅଧିକାର, ଦଶପଲ୍ଲାଙ୍କ ସହଯୋଗରେ ସରକାରଙ୍କ ଅନ୍ତଦୋୟ ଯୋଜନା ଅଧୀନରେ ପାଇଲେ ପ୍ରଧାନ ମନ୍ତ୍ରୀ ଆବାସ। ପ୍ରକଳ୍ପ ଅଧିକାର ତରଫରୁ ଆୟୋଜିତ ଗୋଷ୍ଠୀ ଭିତ୍ତିକ ସଚେତନତା ସଭାରେ ରେବତୀ ଦଳବେହେରାଙ୍କ ଗୃହ ନ ଥିବା ସମସ୍ୟାକୁ ବିଗତ କିଛି ମାସ ତଳେ ଗ୍ରାମ ବାସୀଙ୍କ ତରଫରୁ ଚିହ୍ନଟ କରାଯାଇଥିଲା ଏବଂ ଏହାର ଆସୁ ସମାଧାନ ପାଇଁ ଆବଶ୍ୟକୀୟ ସମସ୍ତ ଦଲିଲ୍ ଯୋଗାଡ଼ କରି ଗ୍ରାମ ପଞ୍ଚାୟତ ଜରିଆରେ ବ୍ଲକ୍ ପ୍ରଶାସନକୁ ଅଧିକାର ମିତ୍ରଙ୍କ ଉଦ୍ୟମରେ ଗତ ଜାନୁୟାରୀ ମାସରେ ଆବେଦନ କରାଯାଇଥିଲା। ଆଦିବାସୀ ଗରିବ ମହିଳା ରେବତୀ ଆବାସ ଖଣ୍ଡିଏ ପାଇବାକୁ ଯୋଗ୍ୟା ହିତାଧିକାରୀ ବୋଲି ସରକାରଙ୍କ ତରଫରୁ ବିଚାର କରି ତାକୁ ଗୃହ ନିର୍ମାଣ ପାଇଁ ଏକ ଲକ୍ଷ୍ୟ କୋଡ଼ିଏ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାରୁ ସେ ଏବଂ ସଂପୃକ୍ତ ଗ୍ରାମ ଗୋଷ୍ଠୀ ଅତ୍ୟନ୍ତ ଆନନ୍ଦିତ ।ଟିପିସିଓଡ଼ିଏଲ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଚାଲିଥିବା ପ୍ରକଳ୍ପ ଅଧିକାର,ଦଶପଲ୍ଲା ତରଫରୁ ଏ ପ୍ରକାର ସାମାଜିକ ଜନ ମଙ୍ଗଳ କାର୍ଯ୍ୟକୁ ସ୍ଥାନୀୟ ଅଧିବାସୀ ଉଚିତ୍ ସମ୍ମାନ ଦେବା ସହିତ ଏହାର ଉପକାରିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରିବାରେ ସମର୍ଥ ହେଇ ପାରିଛନ୍ତି।




## ଡିଡାୟୀ ଯୁବତୀ ଚମ୍ପାଙ୍କ ଗ୍ରାମ ଅମ୍ବଲିବେଡାକୁ ଯାଇ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ



ମାଲକାନଗିରି, (ମହାଭାରତ): ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଆଦିମ ଡିଡ଼ାୟୀ ଜନଜାତିର ପ୍ରଥମ ଡାକ୍ତର ହେବାକୁ ଯାଉଥିବା ଚମ୍ପା ରାସପେଦାଙ୍କ ଗାଁରେ ପହଂଚିଛନ୍ତି ନିଜେ ଜିଲ୍ଲାପାଳ । ଚମ୍ପାଙ୍କ ଗାଁରେ ପହଞ୍ଚିବା ଖବର ପାଇ ନିଜେ କୋରକୁଣ୍ଡା ବ୍ଲକ୍ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଅମ୍ବଲିବେଡା ଗ୍ରାମ ସ୍ଥିତ ବାସଭବନ କୁ ଯାଇ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଛନ୍ତି। ଚମ୍ପା ଆଦିମ ଡିଡ଼ାୟୀ ଜନଜାତି ସମାଜର ପ୍ରଥମ ଡାକ୍ତର ହେବାକୁ ଯାଉଛନ୍ତି । ଯାହା ଆମ ଜିଲ୍ଲା ମାଲକାନଗିରି ଓ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ଜିଲ୍ଲାପାଳ କହିଛନ୍ତି। ଡ଼ାକ୍ତର ହୋଇ ନିଜ ଜିଲ୍ଲାରେ ସେବା କରିବା ପାଇଁ ଜିଲ୍ଲାପାଳ ଚମ୍ପାଙ୍କୁ ପ୍ରୋତ୍ସାହିତ କରିଛନ୍ତି। ତତ୍ ସହିତ ଆଗାମୀ ଦିନରେ ବିଶେଷଜ୍ଞ ଡାକ୍ତର ହେବାକୁ ଲକ୍ଷ୍ୟ ରଖି ନିଜ ଅଞ୍ଚଳ ଓ ସମାଜର ସେବା କରିବା ପାଇଁ ଚମ୍ପାଙ୍କୁ ମାର୍ଗ ଦର୍ଶନ କରିଛନ୍ତି ଜିଲ୍ଲାପାଳ। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କ ସ୍କୁଲ ଓ କଲେଜ ଶିକ୍ଷା ଓ ନିଟ୍ ପ୍ରସ୍ତୁତି କିପରି ରହିଥିଲା ସେ ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସଫଳତା ଅନେକ ଜନଜାତି ଛାତ୍ରଛାତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ବର୍ଗଙ୍କୁ ଅନୁପ୍ରାଣୀତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଉକ୍ତ ଗ୍ରାମରେ ଅନେକ ଉଚ୍ଚ ଶିକ୍ଷିତ ଯୁବକଯୁବତୀ ଥିବା କଥା ଜାଣିବାକୁ ପାଇଥିଲେ। ଅମ୍ବଲିବେଡା ଗ୍ରାମ ଜଣେ ଡାକ୍ତରଙ୍କୁ ତିଆରି କରିଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ସେହି ଗ୍ରାମର ମୌଳିକ ଆବଶ୍ୟକତା ଯେପରିକି ପାନୀୟ ଜଳ ଯୋଗାଣ, ରାସ୍ତାଘାଟ, ବିଜୁଳି, ଆବାସ ଗୃହ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କୁ ପାଖରେ ପାଇ ଗ୍ରାମବାସୀ ଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ସେହିପରି ଡ଼ାକ୍ତର ହୋଇ ନିଜ ଲୋକ ନିଜ ଅଞ୍ଚଳର ସେବା କରିବାର ଲକ୍ଷ୍ୟ ରହିଛି ବୋଲି ଚମ୍ପା କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କୁ ସମ୍ବର୍ଦ୍ଧନା ଜଣାଇ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଏକ ଆଣ୍ଡ୍ରଏଡ ମୋବାଇଲ୍, ପୋଷାକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପାଠପଢ଼ା ପାଇଁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଯେତେବେଳେ ଜାଣିବାକୁ ପାଇଲେ ଯେ ମୋବାଇଲ ଅସୁବିଧା ଯୋଗୁଁ ଚମ୍ପାଙ୍କୁ ପଢାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥିଲା। ତେଣୁ ଉଜ୍ଜଳ ଭବିଷ୍ୟତ ପାଇଁ ଜିଲ୍ଲାପାଳ ନିଜେ ଏକ ମୋବାଇଲ ସେଟ୍ ପ୍ରଦାନ କରିଛନ୍ତି । ମେଡିକାଲ ପାଠ ପଢା ପୁସ୍ତକ ମୂଲ୍ୟ ଅଧିକ । ତେଣୁ ପୁସ୍ତକ କିଣିବାରେ ସହାୟତା ନିମନ୍ତେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ଚମ୍ପାଙ୍କ ଅଭିଭାବକ ଓ ଗ୍ରାମବାସିନ୍ଦା ଉପସ୍ଥିତ ଥିଲେ। ଜିଲ୍ଲାପାଳ ଏହି ଗସ୍ତରେ ଅମ୍ବଲିବେଡା ଓ ବାୟାପଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଛନ୍ତି। ଅମ୍ବଲିବେଡା ଗ୍ରାମରେ କାଜୁ ଚାଷ କରିବାର ସମସ୍ତ ସୁବିଧା ରହିଥିବାର ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥି ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଏକ କାଜୁ ପ୍ରସେସିଙ୍ଗ ୟୁନିଟ୍ ଆରମ୍ଭ କରିବା ପାଇଁ କହିଛନ୍ତି । ଯାହାଦ୍ୱାରା ସେହି ଗ୍ରାମର ଶିକ୍ଷିତ ଯୁବକ ଯୁବତୀ କର୍ମ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ପାନୀୟ ଜଳ ଯୋଗାଣ ସମସ୍ୟା ଦୂର କରିବା ପାଇଁ ଡଗ୍ ୱେଲ୍ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଅଧିକରୁ ଅଧିକ ଜନଜାତି ଲୋକଙ୍କୁ ଆବାସ ଯୋଗାଇ ଦେବାକୁ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗ୍ରାମବାସୀଙ୍କୁ ମଧ୍ୟ ନିଜ ଆଖପାଖ ଅଞ୍ଚଳ ସଫା ସୁତୁରା ରଖିବା ପାଇଁ ଜିଲ୍ଲାପାଳ ସଚେତନ କରିଛନ୍ତି। ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, କୋରକୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ, ଡିଡ଼ାୟୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## କୁନ୍ଦୁଲି ଲ୍ୟାମ୍ପସ୍ ରେ ସାର ବଢ଼ାଇଲା ଚିନ୍ତା; ଗେଟ ଆଗରେ ଚାଷୀଙ୍କ ଧାରଣା

ସେମିଳିଗୁଡ଼ା, (ମହାଭାରତ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ କୁନ୍ଦୁଲି ଲ୍ୟାମ୍ପସ୍ ରେ ଚାଲିଛି ୟୁରିଆ ସାର ପାଇଁ ଚାଷୀଙ୍କ ସଂଘର୍ଷ । ଲ୍ୟାମ୍ପସ୍ କେନ୍ଦ୍ର ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି ଲାଗିଛି । କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ଅଞ୍ଚଳରେ ଚାଷୀଙ୍କ ୟୁରିଆ ସାର ଦୁଃଖ ଯାଉନି ଦୂର। ଗତକିଛି ଦିନ ବି ସାର କଳାବଜାରୀ ହେଉଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଗତକାଲି ଚାଷୀମାନେ କୁନ୍ଦୁଲି ଲ୍ୟାମ୍ପସ୍ ଗେଟ ପାଟକ ରାସ୍ତାରେ ଅବରୋଧ କରିଥିଲେ । କୁନ୍ଦୁଲି ବହୁମୁଖୀ କେନ୍ଦ୍ର ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଲମ୍ବା ଧାଡି ଲଗାଇଥିବା ଦେଖିବାକୁ ମିଳିଥିଲା ।ସକାଳୁ ସକାଳୁ ସାର ବସ୍ତାଏ ପାଇଁ ଯୋଗାଣ କେନ୍ଦ୍ର ସମ୍ମୁଖରେ ଲମ୍ବା ଧାଡ଼ି ଲଗାଇଛନ୍ତି ଚାଷୀ । ଧାଡ଼ିରେ ନିଜ ନିଜର ଆଧାର କାର୍ଡ ରଖି ଜଗି ରହିଛନ୍ତି । କେତେବେଳେ ପାଳି ଆସିବ,ବସ୍ତାଏ ସାର ନେଇ ନିଜ ଫସଲ ଜମିରେ ପକାଇବେ,ସେଥିପାଇଁ ଜଗି ରହିଛନ୍ତି ଚାଷୀ । ଏବେ ଧାନ ଚାଷ ପାଇଁ ୟୁରିଆ ସାର ଅଧିକ ଆବଶ୍ୟକ ଥିବା ବେଳେ ଗତ କିଛି ଦିନ ହେବ ସାରର କଳାବଜାରୀ ଚାଷୀଙ୍କ ସମସ୍ୟା ବଢ଼ାଇଛି ।ବଜାରରେ ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ଚାଷୀମାନେ ନିରାଶ ହୋଇ ଭାଙ୍ଗିପଡିଛନ୍ତି ।୮୦୦ରୁ ୧ହଜାର ଟଙ୍କା ଦରରେ ୟୁରିଆ ସାର ବିକ୍ରି କରୁଥିବା ଚାଷୀ କହିଛନ୍ତି ।ଏହି ପ୍ରତିବାଦରେ ଲ୍ୟାମ୍ପସ୍ ଆଗରେ ଧାରଣା ଦେଇଥିଲେ। ଅଞ୍ଚଳରେ ରାତି ଅଧିଆ ଚଢ଼ା ଦରରେ ୟୁରିଆ ସାରର କଳାବଜାରୀ ହେଉଥିବା ଜାଣି ଉତ୍ତେଜିତ ହୋଇଛନ୍ତି ଚାଷୀ । ୟୁରିଆ ସାର ନପାଇ ଏବେ ବି ହଟହଟା ହୋଉଛନ୍ତି ଚାଷୀ। ସମସ୍ତ ଚାଷୀ ରାଜ୍ୟ ସରକାରଙ୍କୁ ସାର ଅଧିକ ଜଗାଇଦେବା ପାଇଁ ଅନୁରୋଧ କରିଛନ୍ତି ଚାଷୀ। ସମସ୍ତ ଚାଷୀ ହିତାଧିକାରୀ ସାର ପାଇଁ ପାରିବେ ତ ତାହାକୁ ନେଇ ଚାଷୀଙ୍କ ବଡ଼ ପ୍ରଶ୍ନ ଉଠୁଛି ? ଚାଷୀ କହିବା ଅନୁଯାୟୀ କୃଷି ଅଧିକାରୀ ସଠିକ ତଦନ୍ତ କରି ଚାଷୀ ମାନଙ୍କୁ ଚିହ୍ନଟ କରି ସାର ଦେବା ପାଇଁ ଦାବି କରିଛନ୍ତି। ଏହି ବିଷୟକୁ ନେଇ ଲ୍ୟାମ୍ପସ୍ କର୍ତ୍ତୃପକ୍ଷଙ୍କୁ ପ୍ରତିକ୍ରିୟା ମାଗିବାରୁ କୌଣସି ବାଇଟରେ ପ୍ରତିକ୍ରିୟା ନଦେଇ ମନା କରିଦେଇଥିଲେ ।କୁନ୍ଦୁଲି ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ସବୁ ଚାଷୀମାନେ ସମସ୍ତେ ସାର ପାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଦେଖାଯାଉ କେବେ ସମସ୍ତ ଚାଷୀ ସାର ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଅଧିକାରୀ ଦୃଷ୍ଟି ଆକର୍ଷଣ କରିବାକୁ ଚାଷୀ ହିତାଧିକାରୀ ମାନେ ଦାବି କରିଛନ୍ତି।



## ଗତ ନଅ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲା ରେ ବଜ୍ରାଘାତ ନେଲାଣି ୧୬୮ ଜୀବନ

କେନ୍ଦୁଝର, (ମହାଭାରତ) : ପ୍ରାକୃତିକ ବିପର୍ଯ୍ୟୟ ରେ ଅନେକ ସ୍ଥାନରେ ବହୁ ଧନଜୀବନ ନଷ୍ଟ ହେଉଥିବା ବେଳେ କେନ୍ଦୁଝର ଜିଲାରେ ବଜ୍ରାଘାତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତ ୯ ବର୍ଷ ମଧ୍ୟରେ ବଜ୍ରାଘାତ ଯୋଗୁଁ ଜିଲାର ୧୬୮ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇ ସାରିଥିବା ନେଇ ସରକାରୀ ସୂତ୍ରରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ୨୦୧୭ ମସିହାରେ ଜିଲାର ୩୦ଜଣ ବ୍ୟକ୍ତି ବଜ୍ରାଘାତ କାରଣରୁ ମୃତ୍ୟୁବରଣ କରିଥିଲେ । ସେହିପରି ୨୦୧୮ ମସିହାରେ କେନ୍ଦୁଝର ଜିଲାର ୨୩ଜଣ ବ୍ୟକ୍ତିଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଅପରପକ୍ଷରେ ୨୦୧୯ ମସିହାରେ ୧୫ଜଣ ବ୍ୟକ୍ତିଙ୍କର ବଜ୍ରାଘାତ କାରଣରୁ ମୃତ୍ୟୁ ହୋଇଥିବାବେଳେ ୨୦୨୦ ମସିହାରେ ବଜ୍ରାଘାତରେ ୨୯ ଜଣଙ୍କ ମୃତ୍ୟୁ ହୋଇଛି । ୨୦୨୧ ମସିହାରେ ୨୮ ଜଣ ୨୦୨୨ ମସିହାରେ ୧୮ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବାବେଳେ ୨୦୨୩ ରେ ୧୦ ଜଣ,୨୦୨୪ ମସିହାରେ ୧୧ ଜଣ ଏବଂ ୨୦୨୫ ମସିହାରେ ଅଦ୍ୟାବଧି ୪ଜଣ ବ୍ୟକ୍ତି ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ସରକାରୀ ରିପୋର୍ଟରୁ ସୂଚନା ମିଳିଛି । ବଜ୍ରାଘାତ ସମୟରେ ନିଜକୁ କିପରି ସୁରକ୍ଷା ଦେବେ ସେ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନଥିବା କାରଣରୁ ଲୋକମାନେ ସଚେତନ ହୋଇ ପାରୁ ନାହାନ୍ତି ,ସଚେତନତା ଅଭାବରୁ ଏବେ ବି ବଜ୍ରାଘାତରେ ମୃତାହତଙ୍କ ସଂଖ୍ୟା ବୃଦ୍ଧି ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ଏ ନେଇ ଆହୁରି ଅଧିକ ଜନ ସଚେତନତା କାର୍ଯ୍ୟକ୍ରମ ଜରୁରୀ ବୋଲି ବୁଦ୍ଧିଜିବି ମହଲରେ ଚର୍ଚ୍ଚା ଯୋର ଧରିଚି।

## ବିପଦ ପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର



ଦଶପଲ୍ଲା, (ମହାଭାରତ): ଟାଟା ପାୱାର ତରଫରୁ ରାଜ୍ୟରେ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ସହ ଲୋକମାନଙ୍କ ସୁରକ୍ଷା ପାଇଁ ସ୍ଥଳ ବିଶେଷରେ ଅତ୍ୟାଧୁନିକ ପଦ୍ଧତି ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯାଉଛି ।କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଦଶପଲ୍ଲା ବିଦ୍ୟୁତ ବିଭାଗ ଅଧୀନସ୍ଥ ମଧ୍ୟଖଣ୍ଡ ଗ୍ରାମ ପଂଚାୟତ ଛକ ନିକଟରେ ଥିବା ଏକ ମୁଖ୍ୟ ଟ୍ରାନ୍ସଫର୍ମର ରେ ଲତା ମାଡ଼ି ବିପଦ କୁ ଆମନ୍ତ୍ରଣ କରୁଛି । ଟ୍ରାନ୍ସଫର୍ମର ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ଥିବାବେଳେ ଏହାକୁ ସଫା ସଫି କରିବା ପାଇଁ ଆସୁଥିବା କର୍ମଚାରୀ ମାନେ କାମ କରିପାରୁନାହାନ୍ତି କାରଣ ଟ୍ରାନ୍ସଫର୍ମର ତଳେ କୁଢ଼ କୁଢ଼ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି ।ଯେଉଁଥି ପାଇଁ ବିଦ୍ୟୁତ କର୍ମଚାରୀ ମାନେ କାମ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ତେବେ କିଛି ଅଘଟଣ ଘଟିବା ପୂର୍ବରୁ ଏହା ସଫା ହେବା ଉଚିତ। ବିଭାଗୀୟ ଅଧିକାରୀ ଙ୍କ ଦୃଷ୍ଟି ପଡୁନି କେମିତି ? ଏହାକୁ ଦୃଷ୍ଟିରେ ରଖି ସମାଧାନ କରିବା ପାଇଁ ଜନସାଧାରଣ ରେ ଦାବୀ ହେଉଅଛି ।

## ଦେବଗଡ଼ ଜିଲ୍ଲାର ବିକାଶ ସମୀକ୍ଷା ବୈଠକ

ଦେବଗଡ,. (ମହାଭାରତ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାର ଅଧିକାରୀମାନଙ୍କ ସହ ଲୋକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।ବିଶେଷ କରି ବିଭିନ୍ନ ସମସ୍ୟା ମଧ୍ୟରେ ସାଧାରଣତଃ ମୌଳିକ ସୁବିଧା ବିଦ୍ୟୁତ୍ ,ରାସ୍ତା ଘାଟ ,ପାନୀୟ ଜଳ,ପ୍ରଧାନ ମନ୍ତ୍ରୀ ବାଳିକା ଛାତ୍ର ବାସ ଓ ସରକାରୀ କାର୍ଯ୍ୟାଳୟ ଓ କ୍ୱାଟର ଗୁଡ଼ିକ ତୁରନ୍ତ ବାକିଥିବା କାର୍ଯ୍ୟ ସମ୍ପାଦନ କରି ହସ୍ତାନ୍ତର କରିବା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ ।ବୈଠକରେ ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଉପଜିଲ୍ଲାପାଳ ପରକ୍ଷିତ ସାହୁ,ଡେପୁଟି କଲେକ୍ଟର ରାଜସ୍ୱ ଲକ୍ଷ୍ମଣ ଓମାତ୍ , ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ସହକାରୀ ଜିଲ୍ଲାପାଳ ତାପସ କୁମାର ମହନ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡ଼ିଏମଏଫ ଉଦ୍ୟମୀର ଶୁଭାରମ୍ଭ

କେନ୍ଦୁଝର, (ମହାଭାରତ) : ସ୍ୱନିର୍ମିତ ବ୍ୟବସାୟ ମଣିଷକୁ ଏକ ସମୃଦ୍ଧ ଜୀବନ ଆଡ଼କୁ ନେଇଯିବ। ଯେଉଁମାନେ ସ୍ୱପ୍ନ ଦେଖିପାରନ୍ତି ସେମାନେ ଜୀବନରେ ସମୃଦ୍ଧି ହାସଲ କରିପାରନ୍ତି । ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ, ଏକ ପ୍ଲାଟଫର୍ମ ପ୍ରଦାନ କରୁଛି ଡ଼ିଏମଏଫ କ୍ଷ ଆଜି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଡିଏମଏଫ ଉଦ୍ୟାମୀ ପ୍ରକଳ୍ପର ଉଦଘାଟନ କରିଛନ୍ତି। ସଂସ୍କୃତି ଭବନରେ ଏକ ଉତ୍ସବରେ ଏହି ପ୍ରକଳ୍ପର ଉଦଘାଟନ କରି କେନ୍ଦୁଝର ସାଂସଦ ଶ୍ରୀ ନାୟକ କହିଛନ୍ତି ଯେ ଆଦିବାସୀମାନେ କିପରି ଉଦ୍ୟୋଗୀ ହୋଇପାରିବେ ସେ ବିଷୟରେ ବିଶେଷ ଧ୍ୟାନ ଦିଆଯିବା ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ପାଇଁ ନିଶ୍ଚିତ ଭାବରେ ଆବଶ୍ୟକ ଏପରି ଏକ ପ୍ରକଳ୍ପ ଆରମ୍ଭ କରିବା ପାଇଁ ସେ ଡ଼ିଏମଏଫ କେନ୍ଦୁଝରର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଉଦ୍ୟମ ଦ୍ୱାରା ଡ଼ିଏମଏଫ ଉଦ୍ୟୋଗୀ ରାଜ୍ୟରେ ଏକ ଉଦାହରଣ ସ୍ଥାପନ କରିପାରିବ। ଏହି ଅବସରରେ ଡିଏମଏଫ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ରୀନା ପ୍ରଧାନ କହିଥିଲେ ଯେ ଏହି ପ୍ଲାଟଫର୍ମ ଏକ ଉଦ୍ୟୋଗ ଗଠନ କରିବା ପାଇଁ ଆଗ୍ରହୀ ବ୍ୟକ୍ତିଙ୍କୁ ଜ୍ଞାନ ବାଣ୍ଟିବା, ଦକ୍ଷତା ବିକାଶ, କ୍ରେଡିଟ୍ ଲିଙ୍କେଜ୍ ପ୍ରଦାନ କରିବ। ଅତିଥି ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି, ଭାରତୀୟ ଉଦ୍ୟୋଗୀତା ବିକାଶ ପ୍ରତିଷ୍ଠାନ (ଉଡଓଓ)ର ଆଞ୍ଚଳିକ ମୁଖ୍ୟ ଚିତ୍ତରଞ୍ଜନ ପଟ୍ଟନାୟକ କହିଥିଲେ ଯେ ପ୍ରକଳ୍ପର ପ୍ରଥମ ଛଅ ମାସ ମଧ୍ୟରେ ଜିଲ୍ଲାର ସାତଟି ବ୍ଲକରେ ୧୦୦ଟି ଉଦ୍ୟୋଗ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ, ମହାପ୍ରବନ୍ଧକ ଡିଆଇସି, ଅଜୟ କୁମାର ମହନ୍ତ ମଞ୍ଚରେ ଉପସ୍ଥିତ ଥିଲେ।

## ଭାପୁର ବ୍ଲକ୍ ଦଶମ ସାଧାରଣ ଅଧିବେଶନ

ଭାପୁର, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଦଶମ ସାଧାରଣ ଅଧିବେଶନରେ ନାହିଁ ନଥିବା ହାଙ୍ଗାମା ହୋଇଛି। ବିଭିନ୍ନ ଦୁର୍ନୀତି ଲୁଚାଇବାକୁ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀଙ୍କୁ ସଭାକୁ ନଆସିବାକୁ ବିଡିଓ ଦେଇଥିବା ନିର୍ଦ୍ଦେଶକୁ ଉପାଧ୍ୟକ୍ଷ ଦୃଢ ବିରୋଧ କରିବା ସହ ଏହା ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ବିଧାୟକ ଏହାକୁ ନାପସନ୍ଦ କରିଥିଲେ। ସବୁଠାରୁ ଅଧିକ ହାଙ୍ଗାମା ହୋଇଥିଲା ଆରଟିଆଇରେ ଭୂଲ ତଥ୍ୟ ପ୍ରଦାନ ଓ ଜନପ୍ରତିନିଧିଙ୍କୁ ଚିଠି ନ କରି ଗଛ ନଲଗାଇ ବିଲ ହୋଇଥିବା ଜଣାପଡିବା ପରେ ସଭାରେ ନାହିଁ ନ ଥିବା ପାଟିତୁଣ୍ଡ ହୋଇଥିଲା । ବ୍ଲକ ସଦଭାବନ କକ୍ଷରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ମଧ୍ୟରେ ସଦଭାବନା କମ ଦେଖିବାକୁ ମିଳିଥିଲା। ଜନପ୍ରତିନିଧିଙ୍କୁ ଅଣଦେଖା ଓ ବେଖାତିର କରିବା ସହ ସେମାନଙ୍କୁ ଗୌଣ କରିବା ପାଇଁ ବିଡିଓ ସମସ୍ତ ଉଦ୍ୟମ ପୂର୍ବ ଦିନରୁ ପ୍ରସ୍ତୁତି କରିଥିଲେ। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ୨୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ତୋଫାନ ପ୍ରଧାନ ଓ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଯୋଗ ଦେଇଥିଲେ। ଏହି ବୈଠକରେ ଶିକ୍ଷା, କୃଷି, ଆବାସ ବିଭିନ୍ନ ଉନ୍ନୟନ ବିଷୟ ନେଇ ଆଲୋଚନା ହୋଇଥିଲା। ଅନ୍ତୋଦୟ ଗୃହ ଯୋଜନାରେ ହୋଇଥିବା ମହାଦୁର୍ନୀତି ନେଇ ଆଲୋଚନା ସରଗରମ ହୋଇଥିଲା। ହିତାଧିକାରୀ ଚୟନ କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଯାଇଥିବା ନୋଡାଲ ଅଫିସରଙ୍କ ରିପୋର୍ଟକୁ ସମ୍ପୂର୍ଣ୍ଣ ଓଲଟାଇ ଅଯୋଗ୍ୟ ଲୋକଙ୍କୁ ହିତାଧିକାରୀ ଭାବେ ଚୟନ ହୋଇଥିବା ଜନପ୍ରତିନିଧି ମାନେ ଅଭିଯୋଗ କରିଥିଲେ। ଏନେଇ ବିଡିଓ କୌଣସି ଉତ୍ତର ନଦେଇ ଚୁପ ରହିଥିଲେ। ସୂଚନା ଅଧିକାର ଆଇନ ମାଧ୍ୟମରେ ମଗାଯାଇଥିବା ଅନ୍ତୋଦୟ ଗୃହ ଯୋଜନା ଉପରେ ବିଡିଓ ସମ୍ପୂର୍ଣ୍ଣ ମିଛ ତଥ୍ୟ ପ୍ରଦାନ କରିଥିବା ଉପାଧ୍ୟକ୍ଷ ପ୍ରମାଣ ଦେବା ପରେ ଗୃହରେ ବିଡିଓଙ୍କ ବିରୋଧରେ ନାହିଁ ନଥିବା ଆକ୍ରୋଶ ପ୍ରକାଶ ପାଇଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସରପଞ୍ଚ ସମିତିଙ୍କୁ ଅଣଦେଖା କରି ବ୍ଲକ ପ୍ରଶାସନ ମନଇଛାରେ ବିଭିନ୍ନ ପ୍ରକଳ୍ପ ନାମ ଦେଇଥିବା ନେଇ ମଧ୍ୟ ବିଡିଓ ଉତ୍ତର ବିହିନ ରହିଥିଲେ। ପ୍ରଧାନମନ୍ତ୍ରୀଙ୍କ ମହତ ଯୋଜନା ମା' ପାଇଁ ଗଛଟିଏ ବିଷୟରେ ମନରେଗା ଯୋଜନାରେ କୌଣସି ଜନପ୍ରତିନିଧିଙ୍କୁ ଚିଠି ନ କରି ଗୋଟିଏ ବି ଗଛ ନ ଲଗାଇ ବ୍ଲକ୍ ପ୍ରଶାସନ ଖର୍ଚ୍ଚ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେଇଥିବା ଜଣାପଡିବା ପରେ ଉପାଧ୍ୟକ୍ଷ ଓ ସମସ୍ତ ସରପଞ୍ଚ ବିଡିଓଙ୍କୁ ପ୍ରଶ୍ନବାଣରେ ପୋତି ପକାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଅଧିବେଶନକୁ କୌଣସି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଓ ଜିଆ ?ଏସଙ୍କୁ ନ ଆସିବାକୁ ବିଡିଓ ପୂର୍ବ ଦିନରୁ ମୌଖିକ ନିର୍ଦ୍ଦେଶ ଦେଇଥିବା ଜଣାପଡିବା ଓ ଏହି ଅଧିକାରୀ ମାନେ ସଭାରେ ଅନୁପସ୍ଥିତ ରହିବା ବ୍ଲକ୍ ପ୍ରଶାସନର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଡିଓ ସଭା ଗୃହରେ ଜାଗା ନଥିବା କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମଦ୍ରାସା ପାଇଖାନା ଟାଙ୍କିରୁ ଶିଶୁର ମୃତଦେହ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ରଣପୁର, ( ମହାଭାରତ ) : ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ନୀଳାପଲ୍ଲୀ ମଦ୍ରାସାରୁ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି ।ମୃତକ ହେଲେ ବଡ଼ମ୍ବା ନରସିଂହପୁର ଅଞ୍ଚଳର ନିରୁଦ୍ଦିନ ଖାଁଙ୍କ ପୁଅ ଫରଜନ୍ । ସେ ଗତକାଲିଠାରୁ ନିଖୋଜ ଥିଲେ । ଆଜି ମଦ୍ରାସା ପଛପାଖ ପାଇଖାନା ଟାଙ୍କିରୁ ମୃତଦେହ ଉଦ୍ଧାର ହୋଇଛି । ୧୨ ବର୍ଷର ଶିଶୁ ଉକ୍ତ ମଦ୍ରାସାରେ ରହି କିଛି ବର୍ଷ ହେବ ପାଠ ପଢୁଥିଲା ।ମୃତକଙ୍କ ପରିବାର ଏହାକୁ ଏକ ହତ୍ୟା ବୋଲି ଅଭିଯୋଗ କରିବା ସହ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ରାଜସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତି ଏବଂ ଅଗ୍ନିଶମ ବାହିନୀ ମୃତଦେହକୁ ଉଦ୍ଧାର କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି ।

## ନିମିନା ପଞ୍ଚାୟତ ରେ ନଳ ଯାତ୍ରା ଅନୁଷ୍ଠିତ

ଆସିକା (ମହାଭାରତ): ଆସିକା ବ୍ଲକ ନିମିନା ଗ୍ରାମ ରେ ବିଜେ ମାଆଁ ରତନେଇ ଠାକୁରାଣୀ, ରଙ୍ଗ ଚିଟିଆ ପାହାଡ଼ ର ପାଦ ଦେଶରେ ପୂଜା ପାଉଥିବା କାନ୍ଧୁଣି ଦେବୀ, ଗିରି ଉପରେ ବିଜେ ବନ ଦୁର୍ଗାଙ୍କ ପାଖରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ମଙ୍ଗଳବାର ରେ ନଳ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ମଧ୍ୟ ଯଥା ରୀତିନୀତି ଅନୁସାରେ ନଳ ଯାତ୍ରା ବା ଗିରିପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ରୁ ମାଜଣା,ପୂଜା, ହୋମ ଉପଚାର ପୂଜା କରାଯାଇଛି ।ଗ୍ରାମର ପଣ୍ଡିତଙ୍କ ଦ୍ୱାରା ପୂଜା, ହୋମ ଯଞ୍ଜ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବାଜା ବାଜଣା ରେ ତିନି ଗୋଟି ନୂତନ ନଳ କୁ ଗ୍ରାମ ପରିକ୍ରମା କରାଯାଇଥିଲା । ପ୍ରକାଶ ଥାଉକି ଗ୍ରାମ ରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ତେଣୁ ଚାଷ ର ଉନ୍ନତି, ପଶୁ ପକ୍ଷୀ ରୋଗ ପୋକ ରୁ ନିୟନ୍ତ୍ରଣ , ଚାଷ କ୍ଷେତ୍ରରେ ରୋଗ ନିୟନ୍ତ୍ରଣ, ଗ୍ରାମର ସାମଗ୍ରିକ ଉନ୍ନତି, ଶାନ୍ତି ପ୍ରତିଷ୍ଠା ସକାଶେ ପ୍ରତିବର୍ଷ ଏଭଳି ନଳଯାତ୍ରା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ନିମିନା ସରପ□ ବିଦ୍ୟାନ୍ତ ଚର୍ଚ୍ଚି, ଖଣ୍ଡାୟତ କୂଳ ସଭାପତି ଶିବ ନାୟକ, ନରସିଂହ ନାୟକ, ପଂଚାନନ ପ୍ରଧାନ, ଭଗବାନ ଚର୍ଚ୍ଚି, କାମରାଜୁ ଚର୍ଚ୍ଚି, ପଣ୍ଟୁ ପ୍ରଧାନ, ଶିବ ପାତ୍ର, ବାବୁ ନାୟକ, ନୀଳମଣି ଜେନା, କୃଷ୍ଣ ଚର୍ଚ୍ଚି, ବଟ କୃଷ୍ଣ ଚର୍ଚ୍ଚି, ମୁନା ପ୍ରଧାନ, ଶମ୍ଭୁ ରାଉତ, ଭାସ୍କର ସାହୁ, ଜଗନ୍ନାଥ ପ୍ରଧାନ, ଦେବ ପ୍ରଧାନ ସମେତ ଗ୍ରାମବାସୀ ପ୍ରମୁଖ ସହଯୋଗ ଦେଇଥିଲେ।

## ବିଶ୍ୱର ସର୍ବ ବୃହତ ଏକକ ରଥର ମୁଖ୍ୟ କାରିଗର ସମ୍ମାନିତ



କେନ୍ଦୁଝର,(ମହାଭାରତ): ୭୫ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ମାର୍ଚ୍ଚ ୩୧ତାରିଖ ରବିବାର ଦିନ କେନ୍ଦୁଝର ପୌରପାଳିକା ତରଫରୁ କେନ୍ଦୁଝର ରାଷ୍ଟ୍ର ଦେବତା ପ୍ରଭୁ ଶ୍ରୀ ବଳଭଦ୍ରଙ୍କରଥ ଏବଂ ଯାହାକି ବିଶ୍ୱର ସର୍ବ ବୃହତ ଏକକ ରଥର ମାନ୍ୟତା ପାଇଥିବା ନନ୍ଦିଘୋଷ ରଥର ମୁଖ୍ୟ କାରିଗର ଶ୍ରୀ କୁଳମଣି ମହାରଣା ଙ୍କୁ ଦୀର୍ଘ ୫୦ବର୍ଷ ଧରି କାରିଗର ଭାବରେ ଓ ୨୭ବର୍ଷ ଧରି ରଥର ମୁଖ୍ୟ କାରିଗର ଭାବରେ ଦାୟିତ୍ୱ ତୁଲାଇ ଥିବାରୁ ତାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସନମାନିତ କରିଥିଲେ ।'ଜୀବନ ରେ ଯେତେ ଅଭାବ, ଯନ୍ତ୍ରଣା, ନପ୍ରତିକୂଳ ସମୟ ଆସିଛ ଯାଇଛି ତଥାପି ସେ ଏହାକୁ ଦେବ କାର୍ଯ୍ୟ ମନେକରି ଶ୍ରୀ ବଳଦେବଜୀଉ ଙ୍କର କୃପାଲାଭ କରି ଚତୁର୍ଦ୍ଧାମୂରତିଙ୍କ ଘୋଷଯାତ୍ରା ପାଇଁ ଓ ଅଗଣିତ ଭକ୍ତଙ୍କ ସମାଗମ ଲାଗି ନିଷ୍ଠାର ସହିତ ଏହି ସେବାରେ ଲାଗିଥାନ୍ତି।'ସେ ୧୯୪୭ମସିହା ପୁରୁଣା ବଜାର ସ୍ଥିତ ପ୍ରଭୁ ବଳଦେବଜୀଉ ମନ୍ଦିର ସନିକଟ ଶିବାନରାୟଣ ସାହିରେ ଜନ୍ମ ଗ୍ରହଣ କରିଥିଲେ। 'ତାଙ୍କ ବାପା ଙ୍କ ନାମ ପୁରୁଷୋତମ ମହାରଣା ଓ ମାତାଙ୍କ ନାମ ରୁକ୍ମଣୀ ମହାରଣା, ସେ୧୦ବର୍ଷ ବୟସ ରୁ ନିଜର କୌଳିକ ବୃତ୍ତି କୁ ଆପଣାଇ ଏହି ସେବାରେ ନିଜକୁ ନିୟୋଜିତ କରିଥିଲେ।ଏହି ଭଳି ସେବାରେ ନିଜକୁ ନିୟୋଜିତ କରି ଥିବାରୁ ନିଖିଳ ଉକ୍ତଳ ବିଶ୍ୱକର୍ମା ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୁରୁଦିବସ ରେ ପ୍ରତିବାଦ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

ବାଣପୁର :( ମହାଭାରତ ) ପେନସନ ଓ ଅନୁଦାନ ଦାବି ନେଇ ଭୁବନେଶ୍ୱର ଠାରେ ଏକ ବିଶାଳ ପ୍ରତିବାଦ ସଭା ଓ ଅହୋରାତ୍ର ଧାରଣା ସଫଳ ରୂପାୟନ ପାଇ ଆଜି ବାଣପୁର ବ୍ଲକ ଓଷ୍ଟା ପକ୍ଷରୁ ସଭାପତି କୈଳାଶ ଚନ୍ଦ୍ର ଲାଠିଙ୍କ ସଭାପତିତ୍ୱରେ ବାଣପୁର ସରକାରୀ ଉଚ୍ଚବିଦ୍ୟାଳୟ(୧)ଠାରେ ଅନୁଷ୍ଠିତ ହୋଇ ଯାଇ ଅଛି ।ଦୀର୍ଘ ବର୍ଷ ହେବ ଅନୁଦାନ ପାଇ ନ ଥିବା ବିଦ୍ୟାଳୟ କୁ ଅନୁଦାନ ପ୍ରଦାନ, କର୍ମଚାରୀମାନଙ୍କ ପେନସନ ପ୍ରଦାନ, ଚାକିରି କାଳ ୬୦ରୁ୬୨ ବର୍ଷ ଗ୍ରେଡ ପେ ର ଅସଙ୍ଗତିଦୂର,ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଛଅ ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଦାବି ନେଇ ଗୁରୁଦିବସ ରେ ଗୁରୁ ଗର୍ଜନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ଓଷ୍ଟା ରାଜ୍ୟ କାର୍ଯ୍ୟ କାରୀ ସଦସ୍ୟ ଶିଶିର କୁମାର ଦାସ ଆନ୍ଦୋଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଓଷ୍ଟା କାର୍ଯ୍ୟକରୀ ସଭ୍ୟ ତ୍ରିନାଥ ହୋତା, ବ୍ଲକ ଉପସଭାପତି ମମତା ହୋତା ,ସୁମନ୍ତ ଫତେସିଂ, ମହେଶ୍ୱର ଜେନା , ଆଭାମୟ ରଥ, ଜୟନ୍ତ ବଳିୟାରସିଂହ, ସୁପ୍ରଭା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷ ରେ ବ୍ଲକ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ।



# ଝାଡଗାଁ ହୁଡ଼ିସାହି ରେ ଗୋଠ ଛଡା ଦନ୍ତା ହାତୀ ଉପଦ୍ରବ ରେ ୧୦ ବଖରା ଭାଙ୍ଗିଲା



ଯୋଡ଼ା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ତଥା ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଭଦ୍ରାସାହି ଗ୍ରାମ ପଞ୍ଚାୟତ ର ଝାଡ଼ଗାଁ ହୁଡ଼ି ସାହି ରେ ଏକ ଗୋଠ ଛଡା ଦନ୍ତା ହାତୀ ଉପଦ୍ରବ ରେ ୧୦ ବଖରା ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟିଛି ।ଗ୍ରାମବାସୀ ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ,ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଦନ୍ତା ହାତୀ ଟି ଗ୍ରାମରେ ପଶି ଗୁରୁ ମୁଣ୍ଡା ଙ୍କ ୨ ବଖରା, ଓ ପାଣ୍ଡୁ ମୁଣ୍ଡା ଙ୍କ ୩ ବଖରା ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟ କ୍ଷତି ଘଟାଇଥିଲା । ବନ ବିଭାଗ ଖବର ପାଇ ଉକ୍ତ ଗ୍ରାମ କୁ ଯାଇ ଗ୍ରାମବାସୀ ଙ୍କ ସହ ମିଶି ଦନ୍ତା ହାତୀ କୁ ନିକଟସ୍ଥ ରୋଇଡ଼ା ଜଙ୍ଗଲ କୁ ଘୋଉଡାଇ ଦେଇଥିଲେ ।ତେବେ ପୁନର୍ବାର ରାତିରେ ଦନ୍ତା ହାତୀ ଉକ୍ତ ଗ୍ରାମରେ ପଶି ମୁନା ପାତ୍ର ଙ୍କ ୩ ବଖରା ଓ ଜକର ମୁଣ୍ଡା ଙ୍କ ୨ ବଖରା ଘର ଭାଙ୍ଗି ଦେବା ସହିତ ଚାଉଳ,ଖାଦ୍ୟ ସାମଗ୍ରୀ ଓ ଘର ଉପକରଣ ଭାଙ୍ଗି ଦେଇଥିଲା । ଏ ସମ୍ପର୍କରେ ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ କୁମାର ରାଉତ କହିଛନ୍ତି ଯେ, ଦନ୍ତା ହାତୀ ଟି ଖାଦ୍ୟ ଅନ୍ୱେଷଣ ରେ ଗ୍ରାମାଭିମୁଖୀ ହେଉଛି। ଯେଉଁ ମାନଙ୍କ ଘର ଭାଙ୍ଗିଛି ,ତାହାକୁ ସରକାରୀ ଅନୁକମ୍ପା ରାଶି ରୁ ସହାୟତା ପ୍ରଦାନ କରାଯିବ ।ପୁଣି ଗ୍ରାମରେ ପଶି ଯେପରି ଲୋକଙ୍କ ଘର ନ ଭାଙ୍ଗିବ ,ଏଥି ନେଇ ବନ ବିଭାଗ ତୀକ୍ଷଣ ନଜର ରଖିଚି ।ଗାଆଁ ଠାରୁ ହାତୀ କୁ ଦୂରରେ ରଖିବାକୁ ଚେଷ୍ଟା କରାଯାଉଛି।

## କଂଗ୍ରେସ ପକ୍ଷରୁ ସଂଗଠନ ଶୃଜନ ଅଭିଯାନ କାର୍ଯ୍ୟକ୍ରମ

ଆସିକା (ମହାଭାରତ): ଆସିକା ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ କଂଗ୍ରେସ ପକ୍ଷରୁ ସଂଗଠନ ଶୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ( ପଶ୍ଚିମ ) ସଂଯୋଜକ ଯୁବ ଆଇନଜୀବି ତଥା ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା ଙ୍କ ସଭାପତିତ୍ୱ ରେ ସର୍ବ ଭାରତୀୟ କଂଗ୍ରେସ କମିଟି ର ପର୍ଯ୍ୟବେକ୍ଷକ ସଚିନ ନାୟକ, ଓଡିଶା ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟ ବେକ୍ଷକ କୃଷ୍ଣ ଚନ୍ଦ୍ର ସାଗରିଆ, ପ୍ରମୁଖ ଯୋଗ ଦେଇ ଦଳ ର ସୁ ସଂଗଠନ, ଦଳୀୟ କର୍ମୀ ମାନଙ୍କୁ ଏକତ୍ରିତ କରିବା, କଂଗ୍ରେସ ବିଚାରଧାରା ଥିବା କର୍ମୀ ପାଖରେ ପହଂଚିବା, ସକ୍ରିୟ ସଂଗଠକ ଓ ସଂଗଠନିକ ଦକ୍ଷତା ଥିବା କଂଗ୍ରେସ କର୍ମୀ ମାନଙ୍କ ପରାମର୍ଶ କୁ ଗ୍ରହଣ କରି ବ୍ଲକ ସଭାପତି, ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଦୁଇ ପର୍ଯ୍ୟ ବେକ୍ଷକ ସାମ୍ବାଦିକ ସମ୍ମିଳନୀ ରେ ମତ ପ୍ରକାଶ କରିଥିଲେ । ଆସିକା ସଂସଦୀୟ ନିର୍ବାଚନ ମଣ୍ଡଳୀ ର ଆଠ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଆଠ ଦିନ ଗ୍ରସ୍ତ କରି ଜିଲ୍ଲା ଓ ବ୍ଲକ ସଭାପତି ମାନଙ୍କ ୦୫ ଜଣିଆ ତାଲିକା ରାଜ୍ୟ ଏବଂ ଏହା ପରେ ଏ ଆଇ ସି ସି କୁ ପ୍ରେରଣ କରାଯିବ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମ ରେ ଭୋକଲି ସେଠୀ, ସଞ୍ଜୟ ନାୟକ,ସୂଦୀପ୍ତା ଦାସ, ହରିକୃଷ୍ଣ ରଥ, ସଂଗ୍ରାମ ମହାନ୍ତି, ମାନସ ଆଚାର୍ଯ୍ୟ, ପ୍ରିୟାଂଶୁ ପରିଡା, ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ନବରଙ୍ଗପୁର ଠାରେ ଷଷ୍ଠତମ ଜିଲ୍ଲାପରିଷଦ ର ସାଧାରଣ ବୈଠକ

ନବରଙ୍ଗପୁର (ମହାଭାରତ): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଷଷ୍ଠତମ ଜିଲ୍ଲା ପରିଷଦ ର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ ( ଲୋକସଭା ) ବଳଭଦ୍ର ମାଝି ,ମାନ୍ୟବର ସାଂସଦ ( ରାଜ୍ୟସଭା) ମୁଜିବୁଲ୍ଲା ଖାଁ,ମାନ୍ୟବର ବିଧାୟକ ଡ଼ାବୁ ଗାଁ ମନୋହର ରାନ୍ଧାରୀ,ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ ପ୍ରମୁଖ ମଞ୍ଚାସିନ ଥିଲେ ।ଜିଲ୍ଲାପାଳ ସମସ୍ତ ଜନ ପ୍ରତିନିଧି,ସଭ୍ୟ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ଓ ଜିଲ୍ଲା ପରିଷଦ ବୈଠକ ରେ ସଫଳ ଆଲୋଚନା ଉପରେ ବିଶେଷ କହିଥିଲେ ।ବୈଠକ ରେ ନବରଙ୍ଗପୁର ଜିଲ୍ଲାର ୨୬ ଜଣ ଜିଲ୍ଲାପରିଷଦ ସଭ୍ୟ ଓ ୧୦ ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯୋଗ ଦେଇ ନିଜ ଅଞ୍ଚଳ ରେ ବିଭିନ୍ନ ସମସ୍ୟା ଓ ଅସୁବିଧା,ଉନ୍ନତିମୂଳକ କାର୍ଯ୍ୟ ର ତଥ୍ୟ,ଅଭିଯୋଗ ଉପରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଙ୍କୁ ପ୍ରଶ୍ନ ପଚାରିଥିଲେ। ବୈଠକ ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,ବିଦ୍ୟାଳୟ ଓ ଗଣଶିକ୍ଷା,କୃଷି,ମହିଳା ଓ ଶିଶୁ ବିକାଶ, ଗ୍ରାମ୍ୟ ନିର୍ମାଣ, ଅନୁସୂଚିତ ଜାତି ଓ ଜନଜାତି, ଅବକାରୀ, ବିଦ୍ୟୁତ,ଜିଲ୍ଲା ସାମାଜିକ ସୁରକ୍ଷା ଇତ୍ୟାଦି ବିଭାଗ ର ଅଧିକାରୀ ଜନ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଗୃହରେ ସୂଚନା ଅନୁସାରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରାମୟ ଯୋଜନା ରେ ସମସ୍ତ ଔଷଧ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। ଏହା ସହିତ ୪୦ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୧୬୯ ଟି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ପ୍ରତ୍ୟେକ ମାସ ରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ ଶିବିର ଆୟୋଜନ କରାଯାଉଛି ।ବିଧାୟକ ଡ଼ାବୁ ଗାଁ ମନୋହର ରାନ୍ଧାରୀ ପ୍ରତ୍ୟେକ ବ୍ୟକ୍ତି ଯେଭଳି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପାଇପାରିବେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ଶୀଘ୍ର ଅବଧି ସମାପ୍ତି ହେଉଥିବା ଔଷଧ ଯୋଗାଣ ନ ହେଉ ତାହା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ କହିଥିଲେ।

## ଏ. ଏସ. ପି. ଏମ ଫୁଟବଲ ଟୁର୍ଣାମେଣ୍ଟ କେଲ୍ଲାର ୨୦୨୫ ଉଦ୍‌ଘାଟନ ଉତ୍ସବ

### ମୁଖ୍ୟଅତିଥି ଭାବେ ଯୋଗଦେଲେ ଜିଲ୍ଲାପରିଷଦ ଧନପତି ସାଉଁନ୍ତା



ଲକ୍ଷ୍ମୀପୁର (ମହାଭାରତ) - କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଥାନା ଅଧିନସ୍ତ କେଲ୍ଲାର ଗ୍ରାମ ଠାରେ ଆଜି ଏ. ଏସ. ପି. ଏମ (ଅରୁଣ ଟାକ୍ରୀ,ସୁଜିତ ଖୋସ୍ଲା, ପ୍ରଶାନ୍ତ ଖୋସ୍ଲା, ମଣ୍ଟୁ ଖୋସ୍ଲା, ମିଲଟନ ଖୋରା) ଫୁଟବଲ ଟୁର୍ନାମେଣ୍ଟ ର ଉଦ୍ଘାଟନ ଉତ୍ସବ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଦଶମନ୍ତପୁର ଜୋନ ୨ ଜିଲ୍ଲାପରିଷଦ ଧନପତି ସାଉଁନ୍ତା ଯୋଗଦେଇଥିବା ବେଳେ ସଂମାନୀୟ ଅତିଥି ଭାବେ ଲକ୍ଷ୍ମୀପୁର ଜୋନ ୧ ଜିଲ୍ଲାପରିଷଦ ଶ୍ରୀମତୀ ପିଙ୍କି ହିରିମିକା, ଜୋନ ୨ ଜିଲ୍ଲାପରିଷଦ ହିଙ୍ଗୁ ସାଉଁନ୍ତା ଓ କେଲ୍ଲାର ଗ୍ରାମ ର ଜଇଲୁ ମଣ୍ଡଳୀ ର ପାଷ୍ଟର ଅଜୟ କୁମାର ଦୁଖୀ, ଫେଇଥ ଚର୍ଚ୍ଚ ପାଷ୍ଟର ଯଶମନ୍ତ ଛିଞ୍ଚାଣି, ପ୍ରାଚୀନ ଦାମଦର ଖୋସ୍ଲା, ପ୍ରାଚୀନ ପ୍ରବୀଣ ଖୋସ୍ଲା,ପ୍ରାଚୀନ ସତ୍ୟଦାନ ଖରା, ପ୍ରାଚୀନ ଛବିରାଣୀ ଖୋସ୍ଲା, ନୟମୀ ଖରା ଫେଇଥ ଚର୍ଚ୍ଚ ସଭାପତି କୈଳାଶ ଖୋସ୍ଲା ଉତ୍ତତି ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ତାଡ଼ଙ୍ଗୀ, ସମ୍ପାଦକ ହାରଣ ଖୋସ୍ଲା, ସହ ସମ୍ପାଦକ ପିଟର ଖୋସ୍ଲା, ମ୍ୟାଚ ରିଫେରୀ ମହେନ୍ଦ୍ର ଖୋସ୍ଲା, ଉପସ୍ଥିତ ଥିଲେ । ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ପ୍ରାର୍ଥନା ସହ କେଣ୍ଡେଲ ଜାଳି ଉଭୟ ପାଳକ ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଜିଲ୍ଲା ପରିଷଦ ଶ୍ରୀ ସାଉଁନ୍ତା ରିବନ କାଟି ଟୁର୍ନାମେଣ୍ଟ ଉଦଘାଟନ କରିଥିବା ବେଳେ ଲକ୍ଷ୍ମୀପୁର ଜୋନ ୧/୨ ର ଜିଲ୍ଲା ପରିଷଦ ଶ୍ରୀମତୀ ପିଙ୍କି ହିରିମିକା ଓ ହିଙ୍ଗୁ ସାଉଁନ୍ତା ମଧ୍ୟ ରିବନ କାଟି ଗେମ୍ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା । ଏହି ଟୁର୍ନାମେଣ୍ଟରେ ୧୬ ଟିମ କୁ ନେଇ ଆରମ୍ଭ କରିଥିବା ବେଳେ ଆଜି ୪ ଟି ଗେମ୍ ରହିଥିଲା କିନ୍ତୁ ପ୍ରଥମ ଗେମ୍ ରେ ଲକ୍ଷ୍ମୀପୁର ଏଫ.ସି ଦଳ ଆସି ନଥିବା ବେଳେ ଲୁଙ୍ଗରି ଦଳକୁ ବିଜୟୀ ବୋଲି ଘୋଷଣା କରାଯାଇଥିଲା। ସେଇପରି ଦ୍ୱିତୀୟ ଗେମ୍ କେ. ଏସ.ଏ ସହ ପୋଡାପଦର ମଧ୍ୟରେ ଖେଳିଥିଲେ ଏହି ମେଚ ରେ ୨-୧ ରେ ପରାସ୍ତ କରି ପୋଡାପଦର ବିଜୟୀ ହେଇଥିଲା, ତୃତୀୟ ମେଚ କନାପାଡ଼ି ସହ ତୋୟାପୁଟ ଏସ୍.ଟି ଖେଳି ଥିଲେ। ଏହି କୋନାପାଡ଼ି ୩-୧ ରେ ବିଜୟ ହୋଇ ଥିଲେ ଆଜିର ଦିନରେ ଶେଷ ମେଚ ବିଜି ବୟଜ୍ ସହ ଲିଟିଗୁଡା ମଧ୍ୟରେ ରହିଥିଲା କିନ୍ତୁ ଲିଟିଗୁଡା ନ ଆସିବାରୁ ବିଜି ବୟସ ଟିମକୁ ସ୍କେଚ ଦିଆ ଗଲା । ଆଜିର ଏହି ସବୁ ମେଚ କୁ ଅଞ୍ଚଳ ର ବିଭିନ୍ନ ଗ୍ରାମ ରୁ ସହ ସହ ଲୋକ କେ ବି କେ ପଡିଆରେ ନିଜ କାମ ଦାମ ଛାଡି ଉପସ୍ଥିତ ହୋଇ ଆନନ୍ଦ ର ସହିତ ଉପଭୋଗ କରିଥିବା ବେଳେ ସମସ୍ତ ମେଚ କୁ ସୁଚାର ରୂପେ ପରିଚାଳନା କରିଥିଲେ ଅଁଞ୍ଚଳ ର ଜଣା ଶୁଣା ପୂର୍ବତନ ଫୁଟବଲ ଖେଳାଳି ମହେନ୍ଦ୍ର ଖୋସ୍ଲା ।

## ଅସ୍ଥାୟୀ ଝୁଲା ପୋଲ ଉପରେ ଯାତାୟାତ କରୁଛନ୍ତି ଡୁମ୍ବା ଗ୍ରାମବାସୀ



ଗଜପତି(ମହାଭାରତ):ଗଜପତି ଜିଲ୍ଲାର ରାୟଗଡ ବ୍ଲକ ଜଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଡୁମ୍ବା ଗାଁ । ଗାଁ କୁ ଯୋଗାଯୋଗ କରିବା ପାଇଁ କୁଟରୁପଡା ନାଳ ଉପରେ ଏକ ଅସ୍ଥାୟୀ କାଠ ପୋଲ ରହିଛି ତାହା ଉପରେ ଦେଇ ଗ୍ରାମବାସୀଙ୍କୁ ଯିବାକୁ ପଡୁଛି। ସ୍ଥାୟୀ ପୋଲ ଟିଏ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି। ଖର ସ୍ରୋତା ନାଳ ଉପରେ ଜୀବନ କୁ ବାଜି ଲଗାଇ ଯାତାୟାତ କରିବା ପାଇଁ କାଠ ପୋଲ ହିଁ ଏକମାତ୍ର ସାହା ଭରସା ସାଜିଛି ।ଉଭୟ ପଟ ଥିବା ଗଛ ଶାଖା କୁ ସଂଯୋଗ କରି ଏକ ଅସ୍ଥାୟୀ କାଠ ପୋଲ ନିର୍ମାଣ କରି ଗ୍ରାମବାସୀ ଯାତାୟାତ କରିଥାନ୍ତି ।କାଠ ପୋଲର ଦୁଇ ପାର୍ଶ୍ୱରେ ଥିବା ତାର କୁ ଧରି ଯାତାୟାତ କରିବାକୁ ପଡେ଼ଏହି ପୋଲ ଦେଇ ଗ୍ରାମବାସୀ ନିଜର ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ କରିବା ପାଇଁ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏଣୁ ସରକାରୀ ଯୋଜନାରେ ଏକ ସ୍ଥାୟୀ ପୋଲ ନିର୍ମାଣ କଲେ ଗ୍ରାମବାସୀ ଉପକୃତ ହୋଇପାରିବେ ।ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ଶୁଭ ଦୃଷ୍ଟି ପଡିଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ଓସ୍ୱାସ ସଫଳ କର୍ଯନ୍ୟୟନ୍ : ଅଧିକାରୀ କର୍ମଚାରଙ୍କ ପ୍ରଶିକ୍ଷଣ ଶିବିର

ଦେବଗଡ଼ (ମହା ଭାରତ): ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଓସ୍ୱାସ୍ ର ସମ୍ମିଳନୀ କକ୍ଷରେ ଭର୍ଚୁଆଲ ମାଧ୍ୟମରେ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସମସ୍ତ ଫାଇଲ ଡିଲିଂ ଅଧିକାରୀ ଏବଂ କର୍ମଚାରୀ କମ୍ପ୍ୟୁଟର ମାଧ୍ୟମରେ ଫାଇଲ ପ୍ରସେଶିଂ କରିବା ପାଇଁ ଓ ସି ଏ ସି ଏବଂ ଟି ସି ଏସ ଦ୍ୱାରା ଓସ୍ୱାନ ପ୍ଲାଟଫର୍ମ ରେ ଭର୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ ।ଏହି ଶିବିରରେ ସମସ୍ତ ବିଭାଗର ଅଧିକାରୀ କର୍ମଚାରୀ ,ବ୍ଲକ୍ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର ଓ ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଲଗାଣ ବର୍ଷା ରେ ଭାଙ୍ଗିଲା ଘର,ଚାପି ହୋଇ ବଳଦ ମୃତ



କରଞ୍ଜିଆ, (ମହାଭାରତ) ଲଗାଣ ବର୍ଷା ରେ ବୁଧବାର ସକାଳେ ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଡ଼ିହା ଗ୍ରାମ ବଡ ସାହିର ରାମଦାସ ବନାରା ଙ୍କ ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିବାରୁ ପରିବାର ର ଲୋକେ ବର୍ତ୍ତି ଯାଇଥିବା ବେଳେ ଘର ଭିତରେ ଥିବା ତାଙ୍କର ଗୋଟିଏ ବଳଦ ର ମୃତ୍ୟୁ ଘଟିଛି ।ଏବଂ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ୫ ଟି ଛେଳି କୁ ଘର ଭିତରୁ ଉଦ୍ଧାର କରିଛନ୍ତି ।ସେହିପରି ସେହି ଗ୍ରାମପଞ୍ଚାୟତ ର ଗିରିବେଡା ଗ୍ରାମର ପବିତ୍ର ନାଏକ ଙ୍କ ଘର ଉପରେ ଏକ କେନ୍ଦୁ ଗଛ ପଡ଼ି ଯିବାରୁ ତାଙ୍କର ୩ ବଖରା ଘର ଭାଙ୍ଗି ଯାଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆ, ରାଜସ୍ୱ ନିରୀକ୍ଷକ, ପ୍ରାଣୀ ଚିକିତ୍ସକ ଘଟଣା ସ୍ଥଳରେ ଯାଇ ପହଞ୍ଚି ଦେଖି ଥିଲେ।

## ବାପାର ଇଟା ମାଡ଼ରେ ପୁଅର ମୃତ୍ୟୁ

ରାଇଘର ବ୍ଲକ (ମହାଭାରତ) କୁନ୍ଦେଇ ଥାନା ଅନ୍ତର୍ଗତ ତରେଇଡିହି ଗାଁରେ ବାପାର ଇଟା ମାଡ଼ରେ ପୁଅର ମୃତ୍ୟୁ ହୋଇଛି। ହାଟଭରାଣ୍ଡି ପଞ୍ଚାୟତ ତରେଇଡିହି ଗାଁର ଜୟଲାଲ ଗଣ୍ଡଙ୍କ ବଡ଼ପୁଅ ରାଜକୁମାର ଗଣ୍ଡ (୩୮ବର୍ଷ) କିଛି ମାସ ହେଲା ମଦ୍ୟପାନ କରି ଘରେ ଗଣ୍ଡଗୋଳ କରୁଥିଲା। ନିଶାସକ୍ତ ଅବସ୍ଥାରେ ଗତ ଶୁକ୍ରବାର ଦିନ ନିଜ ପୁଅକୁ ମାରପିଟ କରିଥିଲା ରାଜକୁମାର ଆଜି ସଂଧ୍ୟାରେ ବି ମଦ ପିଇବା ପରେ ଘରକୁ ଆସି ମା'ଙ୍କ ସହ ଝଗଡ଼ା କରିଥିଲା ।ବାପା ବାରଣ କରିବାରୁ ପାଟିତୁଣ୍ଡ କରି ଠେଲାପେଲା କରିଥିଲାୟ ଗଣ୍ଡଗୋଳ ଉଗ୍ରରୂପ ନେବାରୁ ବାପା ରାଗିଯାଇ ଗୋଟିଏ ଇଟାରେ ରାଜକୁମାର ମୁଣ୍ଡକୁ ଆକ୍ରମଣ କରିଥିଲେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ରାଜକୁମାରର ମୃତ୍ୟୁ ହୋଇଥିଲା । ଖବର ପାଇ କୁନ୍ଦେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲାବେଳେ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରି ପାରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ଅନୁଧ୍ୟାନ ପାଇଁ ପୋଲିସ ପକ୍ଷରୁ ସାଇନ୍ସଟିଫିକ ଟିମ କୁ ସାହଯ୍ୟ ନିଆଯାଇଥିଲା ।ସାଇନ୍ସଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକ କ ଅନୁଧ୍ୟାନ କରିଛି।

# ଗଡିଲା ବଜ୍ରପାତ ସଚେତନତା ରଥ

ମାଲକାନଗିରି, (ମହାଭାରତ):ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ମାଲକାନଗିରି ଜିଲ୍ଲା ଜରୁରକାଳୀନ ବିଭାଗ ପକ୍ଷରୁ ବଜ୍ରପାତ ଜନିତ ଆକସ୍ମିକ ବିପଦରୁ ରକ୍ଷା ପାଇବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି ।ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସମସ୍ତ



ପୌରାଞ୍ଚଳ ଓ ଗ୍ରାମ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ବଜ୍ରପାତରୁ ରକ୍ଷା ପାଇବାର ବାର୍ତ୍ତା ପ୍ରଚାର କରିବ। ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ଲଗାଇବା, ଘଡଘଡି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥା ଶୀଘ୍ର କୌଣସି ପକ୍କା ଘର ଭିତରକୁ ଚାଲି ଆସିବା, ମୋଟା ଚଦର ଛାତ ଥିବା ଗାଡି ଯଥା କାର୍, ବସ୍ ଆଦି ଯାନ ଭିତରକୁ ଚାଲିଯିବା, ଘର ଭିତରେ ଥିବା ବେଳେ ଝରକା, କବାଟ ବନ୍ଦ ରଖିବା, ମୁଣ୍ଡ ଓ ଦେହରୁ ଧାତୁ ଜିନିଷ ବାହାର କରିବା, ଯଥାସାଧ୍ୟ କମ୍ ଉଚ୍ଚତାରେ ରହିବା। ମୁଣ୍ଡ ବାଳ ଠିଆ ହୋଇଗଲେ କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡି ତୁରନ୍ତ ଅନ୍ୟତ୍ର ଚାଲିଯିବା, ପାଣି ଭିତରୁ କିମ୍ବା ଡଙ୍ଗା ଭିତରୁ ଯଥା ଶୀଘ୍ର କୂଳକୁ ବାହାରି ଆସିବା ଓ ନିରାପଦ ସ୍ଥାନକୁ ଚାଲିଯିବା, ବଜ୍ରପାତର ସମ୍ଭାବନା ଦେଖା ଦେଲେ ଗୃହପାଳିତ ପ୍ରାଣୀମାନଙ୍କୁ ବାହାରେ ନ ଛାଡ଼ି ଘର ଭିତରେ ରଖିବା ଇତ୍ୟାଦି ବିଷୟରେ ଏହି ରଥ ସଚେତନତା ବାର୍ତ୍ତା ପ୍ରଦାନ କରିବ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରକାଳୀନ ଅଧିକାରୀ ମୁନା ତୁରୁକ୍, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ରାଜଧାନୀରେ ବନ୍ୟା ଆଲର୍ଟ: ୬୩ ବର୍ଷ ମଧ୍ୟରେ ୪ର୍ଥ ଥର ୨୦୭ ମିଟର ପାର କଲା ଯମୁନା



ନୂଆଦିଲ୍ଲୀ : ଦେଶର ରାଜଧାନୀ ଦିଲ୍ଲୀରେ ଲଗାଣ ବର୍ଷା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଯମୁନା ବିପଦ ସଙ୍କେତ ପାର କରିବା ପରେ ତଳିଆ ଅଞ୍ଚଳରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ଯମୁନା ୨୦୫.୩୩ ମିଟର ଅତିକ୍ରମ କରିବା ପରେ ୧୦ ହଜାର ଲୋକ ବିସ୍ଥାପିତ ହୋଇଥିଲେ। ସନ୍ଧ୍ୟା ସୁଦ୍ଧା ଏହା ଆଉ ଗୋଟିଏ ମିଟର ବଢ଼ିଥିବା ବେଳେ ସ୍ଥିତିକୁ ଜଟିଳ କରିଥିଲା। ମଙ୍ଗଳବାର ୪ଟା ସୁଦ୍ଧା ଯମୁନା ୨୦୬ ମିଟର ଓ ରାତି ୧୦ଟା ବେଳକୁ ଏହା ୨୦୬.୪ ମିଟର ଅତିକ୍ରମ କରିଥିଲା।

ବୁଧବାର ମଧ୍ୟ ଯମୁନା ଫୁଲିବାରେ ଲାଗିଛି। ସକାଳ ୭ଟା ସୁଦ୍ଧା ଏହା ୨୦୬.୯ ମିଟର ଓ ଏହାର କିଛି ଘଣ୍ଟା ପରେ ନଦୀର ଜଳସ୍ତର ବିପଦ ଜନକ ଭାବେ ୨୦୭ ମିଟରକୁ ପାର କରାଯାଇଛି। ୬୩ ବର୍ଷ ମଧ୍ୟରେ ୪ର୍ଥ ଥର ପାଇଁ ଯମୁନା ନଦୀର ଜଳସ୍ତର ୨୦୭ ମିଟର ଅତିକ୍ରମ କରିଥିବାରୁ ବନ୍ୟା ସ୍ଥିତି ଜଟିଳ ହେବାର ଆଶଙ୍କା ପ୍ରକାଶ ପାଇଛି। ଅଧିକାରୀମାନେ କହିଛନ୍ତି ଯେ ପୁରୁଣା ରେଳବାଇ ବ୍ରିଜକୁ ଉଭୟ ପାର୍ଶ୍ୱରୁ ସତର୍କତା ପଦକ୍ଷେପ ସ୍ୱରୂପ ବନ୍ଦ କରି ଦିଆଯାଇଛି। ଏବେ ବି ହରିୟାଣାର ହାତୀକୁଣ୍ଡ ବ୍ୟାରେଜରୁ ୧ ଲକ୍ଷ କ୍ୟୁସେସରୁ ଅଧିକ ଜଳ ନିଷ୍କାସିତ ହେଉଥିବା ବେଳେ ଆଗକୁ ଏହା ୨ ଲକ୍ଷ କ୍ୟୁସେସ ଜଳରେ ପହଞ୍ଚିବ। ତେଣୁ ଦିଲ୍ଲୀର ବନ୍ୟା ସ୍ଥିତିକୁ ଏହା ଆହୁରି ସାଂଘାତିକ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ମାଜିଷ୍ଟ୍ରେଟ ଅମୋଲ ଶ୍ରୀବାସ୍ତବଙ୍କ କହିବା କଥା ଯେ ନୋଡାଲ ଅଫିସର ସ୍ଥିତିକୁ ପରିଚାଳନା କରୁଛନ୍ତି। ତଳିଆ ଅଞ୍ଚଳରୁ ୧୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ୧୧ଟି ଡିଭିଜନର ୨୮ଟି ସ୍ଥାନରେ ଚିହ୍ନଟ ହୋଇଥିବା କ୍ୟାମ୍ପରେ ରଖାଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକ ଆଲର୍ଟରେ ରହିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଡାଇଭରସନ ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କୁ ପୁରୁଣା ରେଳବାଇ ବ୍ରିଜ ବ୍ୟବହାର ନ କରିବାକୁ କୁହାଯାଇଛି। ଦିଲ୍ଲୀ ସରକାରଙ୍କ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ବିଭାଗର ତଥ୍ୟ ଅନୁସାରେ, ଗତ ୬୩ ବର୍ଷ ମଧ୍ୟରେ ଯମୁନା ୪୩ ଥର ୨୦୫ ମିଟର, ୧୪ ଥର ୨୦୬ ମିଟର ସଙ୍କେତକୁ ପାର କରିଥିଲା। କିନ୍ତୁ ୪ର୍ଥ ଥର ପାଇଁ ଯମୁନା ୨୦୭ ମିଟର ସଙ୍କେତ ପାର କରିଛି। ୨୦୨୩ରେ ଯମୁନା ସର୍ବକାଳୀନ ରେକର୍ଡ ୨୦୮.୬୬ ମିଟର ସଙ୍କେତକୁ ପାର କରିଥିଲା। ହେଲେ ଏବେ ଏହି ରେକର୍ଡକୁ ମଧ୍ୟ ଯମୁନା ପାର କରି ଯାଇଛି।

# ପଞ୍ଜାବରେ ଭୟଙ୍କର ବନ୍ୟା ସ୍ଥିତି, ସମସ୍ତ ଶିକ୍ଷାନୁଷ୍ଠାନ ୭ ଯାଏଁ ଛୁଟି



ପଞ୍ଜାବ: ଉତ୍ତର ଭାରତରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ସ୍ଥିତି ଭୟଙ୍କର ରହିଛି । ପଞ୍ଜାବ, ଜମ୍ମୁ କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ବନ୍ୟା ସ୍ଥିତି ଦେଖାଦେଇଛି । ପଞ୍ଜାବରେ ଭୟଙ୍କର ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି । ପଞ୍ଜାବର ସମସ୍ତ ୨୩ ଜିଲ୍ଲାରେ ୧୪୦୦ରୁ ଅଧିକ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ବିଭିନ୍ନ ସ୍ଥାନରେ ଲୋକେ ଜଳବନ୍ଦୀ ଘେରରେ ରହିଛନ୍ତି । ଆସନ୍ତା ୭ ଯାଏଁ ରାଜ୍ୟର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଛୁଟି ଘୋଷଣା ହୋଇଛି । ରାଜ୍ୟ ସରକାର ସମସ୍ତ ୨୩ ଜିଲ୍ଲାକୁ ବନ୍ୟା ପ୍ରଭାବିତ ଘୋଷଣା କରିଛନ୍ତି । ଏହି ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ ୩୦ ଜଣଙ୍କର ମୃତ୍ୟୁ ଘଟିଛି । ପଞ୍ଜାବ ମନ୍ତ୍ରୀ ହରଜୋତ ସିଂହ ବେସ ସୋସିଆଲ ମିଡିଆରେ ଏକ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନଙ୍କ ନିର୍ଦ୍ଦେଶନୁସାରେ, ବନ୍ୟା ସ୍ଥିତି ଦେଖି ପଞ୍ଜାବର ସମସ୍ତ ସରକାରୀ, ସହାୟତା ପ୍ରାପ୍ତ ଏବଂ ମାନ୍ୟତାପ୍ରାପ୍ତ ଏବଂ ଘରୋଇ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ୭ ଯାଏଁ ବନ୍ଦ ରହିବ । କଂଗ୍ରେସ ନେତା ରାହୁଲ ଗାନ୍ଧି ପଞ୍ଜାବର ଲୋକଙ୍କ ପାଇଁ ଚିନ୍ତା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଠାରୁ ରିଲିଫ୍ ପ୍ୟାକେଜ୍ ଦାବି କରିଛନ୍ତି । ଏକ ଭିଡିଓ କରି ବନ୍ୟା ପ୍ରଭାବିତଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି । ପଞ୍ଜାବରେ ଲଗାତାର ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ଜିଲ୍ଲା ସଂପୂର୍ଣ୍ଣ ପ୍ରଭାବିତ ହୋଇଛି । ବନ୍ୟା ଯୋଗୁଁ ଅନେକ ଲୋକଙ୍କ ଜୀବନ ପ୍ରଭାବିତ ହୋଇଛି । ପଞ୍ଜାବ ସରକାର ବନ୍ୟା ପ୍ରଭାବିତ ଲୋକଙ୍କୁ ଯଥାସମ୍ଭବ ସହାୟତା ଦେବାକୁ ଚେଷ୍ଟା କରୁଛନ୍ତି ।

# ପାକିସ୍ତାନର କ୍ୱେଟାରେ ବୋମା ବିସ୍ଫୋରଣ, ୨୫ ମୃତ

କ୍ୱେଟା : ପାକିସ୍ତାନର କ୍ୱେଟାରେ ବଲୁଚ ନ୍ୟାସନାଲ ପାର୍ଟିର ରାଲିରେ ବଡ଼ ବିସ୍ଫୋରଣ । ଏଥିରେ ୨୫ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ନିକଟସ୍ଥ ହସପିଟାଲରେ କରାଯାଉଛି । ଆହତଙ୍କ ମଧ୍ୟରେ ପୂର୍ବ ସାଂସଦ ଅହମଦ ନୱାଜ ଏବଂ ପାର୍ଟି ନେତା ମୁସା ବଲୁଚ ମଧ୍ୟ ସାମିଲ ରହିଛନ୍ତି । ଖବର ମୁତାବକ, ଶାହୱାନି ଷ୍ଟାଡିୟମ ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମାପ୍ତ ହେବାର କିଛି ସମୟ ପରେ ବିସ୍ଫୋରଣ ଘଟିଥିଲା । ଏ ନେଇ ବେଲୁଚିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରୀ ମୃତ ଏବଂ ଆହତଙ୍କ ସଂଖ୍ୟା ବିଷୟରେ ସୂଚନା ଦେଇଛନ୍ତି । ଈଘଚ ନେତା ଅଖତର ମେଙ୍ଗଲ ଏବଂ ତାଙ୍କ ଗାଡି ଉପରକୁ ଟାର୍ଗେଟ କରାଯାଇଥିଲା । ଆକ୍ରମଣରେ ପରେ ସୁରକ୍ଷା ବାହିନୀ ତୁରନ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ । ଅଖତର ମେଙ୍ଗଲଙ୍କ କାଫିଲା ଘଟଣାସ୍ଥଳ ଅତିକ୍ରମ କରିବାର କିଛି ସମୟ ପରେ ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ୧୫ ଜଣ ଦଳୀୟ ସଦସ୍ୟଙ୍କ ମୃତ୍ୟୁ ହୋଇଛି । କର୍ତ୍ତୃପକ୍ଷ ଏବେ ବିସ୍ଫୋରଣର ତଦନ୍ତ କରୁଛନ୍ତି । ଅଖତର ମେଙ୍ଗଲ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, "ଆପଣଙ୍କ ପ୍ରାର୍ଥନା ପାଇଁ ଧନ୍ୟବାଦ। ଆଲ୍ଲାହୁ ଆକବର, ମୁଁ ସୁରକ୍ଷିତ ଅଛି, କିନ୍ତୁ ଆମର କର୍ମୀଙ୍କ ମୃତ୍ୟୁରେ ମୁଁ ଗଭୀର ଦୁଃଖିତ । ପ୍ରାୟ ୧୫ରୁ ଅଧିକ ସଦସ୍ୟଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି । ସେମାନଙ୍କ ବଳିଦାନକୁ କେବେ ଭୁଲିହେବ ନାହିଁ । ଆଲ୍ଲା ସେମାନଙ୍କୁ ଶାନ୍ତି ମିଳୁ ଏବଂ ସେମାନଙ୍କ ପରିବାରକୁ ଧୈର୍ଯ୍ୟ ଦିଅନ୍ତୁ। ଏହା ମୋ ଉପରେ ଋଣ ରହିଲା ଏବଂ ମୁଁ ଏହାକୁ ଦାୟିତ୍ୱର ସହ ପୂରଣ କରିବି।"

# ୫୨ ବର୍ଷୀୟ ପ୍ରେମିକାଙ୍କ ଜୀବନ ନେଇଗଲା ୨୬ ବର୍ଷୀୟ ପ୍ରେମିକ



ମହିଳାଙ୍କ ବୟସ ୫୨। ହେଲେ ସେ ତାଙ୍କ ଠାରୁ ଅଧା ସାନ ଜଣେ ୨୬ ବର୍ଷୀୟ ଯୁବକଙ୍କୁ ପ୍ରେମ କରୁଥିଲେ। ଦୁଇ ଜଣଙ୍କ ମଧ୍ୟରେ ବୟସର ବ୍ୟବଧାନ ଯଥେଷ୍ଟ ଅଧିକ ଥିଲେ ହେଁ ସେମାନେ ପରସ୍ପରର ପ୍ରେମ ପଡ଼ିଥିଲେ। ଏପରି କି ଶାରିରୀକ ସମ୍ପର୍କ ରଖିବାକୁ ମଧ୍ୟ ପଛାଉ ନଥିଲେ। ହେଲେ ନିଜ ଠାରୁ ଅଧା ସାନ ବୟସର ପୁଅକୁ ପ୍ରେମ କରିବା ମହିଳାଙ୍କୁ ମହଙ୍ଗା ପଡ଼ିଛି। ସେ ବାହା ହେବାକୁ ଜିଦ କରିବାରୁ ୨୬ ବର୍ଷୀୟ ପ୍ରେମିକ ଜଣଙ୍କ ଶେଷରେ ତାଙ୍କ ଜୀବନ ନେଇ ଯାଇଛି। ଅଗଷ୍ଟ ୧୧ରେ ଉତ୍ତର ପ୍ରଦେଶ ପୁଲିସ୍ ଜଣେ ମହିଳାଙ୍କ ମୃତଦେହ ଠାବ କରିଥିଲା। ଏବେ ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ପରିଚୟ ପୁଲିସ୍ ହାସଲ କରିବା ସହ ତାଙ୍କ ପ୍ରେମିକଙ୍କୁ ଗିରଫ କରିଛି। ଅଗଷ୍ଟ ୧୧ରେ ପୁଲିସ୍‌କୁ ମିଳିଥିବା ମୃତଦେହଟି ଉତ୍ତର ପ୍ରଦେଶର ଫାରୁକାବାଦ ଜିଲ୍ଲାରେ ରହୁଥିବା ୫୨ ବର୍ଷୀୟ ରାଣୀଙ୍କର ଥିଲା। ପୁଲିସ୍‌ର କହିବା କଥା ଯେ ରାଣୀଙ୍କୁ ଗୋଟିଏ ସ୍କାର୍ଫ ଦ୍ୱାରା ତଣ୍ଟି ଚିପି ତାଙ୍କ ୨୬ ବର୍ଷୀୟ ପ୍ରେମିକ ଅରୁଣ ରାଜପୁତ ହତ୍ୟା କରିଥିଲେ। ଅରୁଣ ଘର ହେଉଛି ମୈନପୁରୀରେ। ପୁଲିସ୍ କଲ ରେକର୍ଡ ଓ ସୋଶାଲ ମିଡିଆରେ ହୋଇଥିବା ଚ୍ୟାଟକୁ ଆଧାର କରି ଅରୁଣଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୨ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ପୁଲିସ୍‌ର କହିବା କଥା ଯେ ଅରୁଣ ଓ ରାଣୀ ପ୍ରାୟ ଦେଢ଼ ବର୍ଷ ତଳେ ପରସ୍ପରକୁ ଇନଷ୍ଟାଗ୍ରାମରେ ଭେଟିଥିଲେ। ମହିଳା ଜଣଙ୍କ ନିଜ ବୟସକୁ ଲୁଚାଇ ଥିବା ବେଳେ ତାଙ୍କ କଥାବାର୍ତ୍ତାରୁ ଅରୁଣ ତାଙ୍କୁ ଜଣେ କମ ବୟସ୍କା ଯୁବତୀ ବୋଲି ଭାବି ନେଇଥିଲେ। ଅନଲାଇନରୁ ଆରମ୍ଭ ହୋଇଥିବା କଥାବାର୍ତ୍ତା ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ଫାରୁକାବାଦରେ ଥିବା ଗୋଟିଏ ହୋଟେଲରେ ମଧ୍ୟ ସେମାନେ ପରସ୍ପରକୁ ଭେଟିବା ଆରମ୍ଭ କରିଥିଲେ। ୪ ଛୁଆର ମା' ରାଣୀଙ୍କ ଠାରୁ ଅରୁଣ ପ୍ରାୟ ୧.୫ ଲକ୍ଷ ଟଙ୍କା ମଧ୍ୟ ନେଇଥିଲେ। ସମୟ ଗଡ଼ିବା ସହ ରାଣୀ ପ୍ରେମିକ ଅରୁଣ ଉପରେ ବାହାଘର ପାଇଁ ଚାପ ପକାଇଥିଲେ। ଏଥିସହ ନେଇଥିବା ଟଙ୍କା ଫେରାଇବାକୁ କହିଥିଲେ। ଅଗଷ୍ଟ ୧୦ରେ ଅରୁଣ ଫୋନ କରି ରାଣୀଙ୍କୁ ମୈନପୁରୀ ଡାକିଥିଲେ। ପ୍ରେମିକର ଡାକରେ ରାଣୀ ମଧ୍ୟ ସେଠାରେ ପହଞ୍ଚି ଯାଇଥିଲେ। ଦୁଇ ଜଣ ଏକାଠି କିଛି ସମୟ ବିତାଇଥିଲେ। ଏହାପରେ ରାଣୀ ପୁଣିଥରେ ତାଙ୍କୁ ବାହାଘର ପାଇଁ ଚାପ ପକାଇଥିଲେ ଓ ଉଧାର ଟଙ୍କା ଫେରାଇବାକୁ କହିଥିଲେ। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗି ଯାଇ ଅରୁଣ ତଣ୍ଟି ଚିପି ରାଣୀଙ୍କୁ ହତ୍ୟା କରିଥିଲେ। ହତ୍ୟା କରିବା ପରେ ସେ ମୃତଦେହକୁ ଫିଙ୍ଗି ଫେରାର ହୋଇଯାଇଥିଲେ। ପୁଲିସ୍ ମୃତଦେହକୁ ଜବତ କରିଥିଲେ ହେଁ ପରିଚୟ ଜାଣି ପାରି ନଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ମହିଳାଙ୍କ ନିଖୋଜ ନେଇ ତାଙ୍କ ପରିବାର ଲୋକ ଫାରୁକାବାଦରେ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଥିଲା। ପୁଲିସ୍ ମହିଳାଙ୍କ ପରିଚୟ ପାଇବା ପରେ ଅଧିକ ତଦନ୍ତ କରି ଅରୁଣଙ୍କୁ ଧରିଛି। ଜେରା ବେଳେ ଅରୁଣ ନିଜର ଅପରାଧକୁ ସ୍ୱୀକାର କରିଛନ୍ତି। ବାହାଘର ପାଇଁ ମନା କରିଦେଲେ ରାଣୀ ପୁଲିସ୍ କିମ୍ବା ତାଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚି ଯିବାର ଆଶଙ୍କା ଅରୁଣଙ୍କୁ ଘାରିଥିଲା। ସେହି ଭୟରେ ସେ ରାଣୀଙ୍କୁ ମାରିଥିବା ପୁଲିସ୍‌କୁ କହିଛନ୍ତି।

# ନିଲମ୍ବନ ପରେ ବିଆରଏସ୍ ଓ ବିଧାନ ପରିଷଦରୁ କେ କବିତାଙ୍କ ଇସ୍ତଫା



ତେଲଙ୍ଗାନା : ତେଲଙ୍ଗାନା ଜାଗୃତି ସଭାପତି କେ କିବତା ଆଜି ବିଧାନ ପରିଷଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ତେଲଙ୍ଗାନା ବିଧାନସଭାର ବାଚସ୍ପତିଙ୍କୁ ହସ୍ତାନ୍ତର କରିଛି। ଦିନକ ତଳେ କେ କିବତାଙ୍କୁ ତାଙ୍କ ବାପା ତଥା ଭାରତୀୟ ରାଷ୍ଟ୍ରୀୟ ସମିତି(ବିଆରଏସ୍)ର ମୁଖ୍ୟ କେ ଚନ୍ଦ୍ରଶେଖର ରାଓ ଦଳରୁ ନିଲମ୍ବନ କରିଥିଲେ। ନିଲମ୍ବନ ପରେ କେ କବିତା ବିଧାନ ପରିଷଦ ଓ ବିଆରଏସରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପରେ ସେ ତାଙ୍କ ଭାଇ ତଥା ପୂର୍ବତନ ମନ୍ତ୍ରୀ କେଟି ରାମା ରାଓଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ "ମୁଁ ରାମ ଆନ୍ନାଙ୍କୁ କେସିଆରଙ୍କ ସ୍ୱାସ୍ଥ୍ୟ ଓ ଦଳର କାର୍ଯ୍ୟକର୍ତ୍ତାଙ୍କ ଯତ୍ନ ନେବାକୁ ଅନୁରୋଧ କରୁଛି।" ସାମ୍ବାଦିକ ସମ୍ମିଳନୀରେ କବିତା ତାଙ୍କ ବାପା କେସିଆରଙ୍କୁ ନିଜର ଆଦର୍ଶ ବୋଲି ଅଭିହିତ କରିଛନ୍ତି। କେସିଆର ତେଲଙ୍ଗାନାର ଦଳିତ ଓ ପଛୁଆ ବର୍ଗ ଲୋକଙ୍କ ଅଧିକାରକୁ ନିଶ୍ଚିତ କରିଥିବା କବିତା କହିଛନ୍ତି। କିନ୍ତୁ ଦଳ ଭିତରୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ରାମାନ୍ନାଙ୍କ ଉଦ୍ଦେଶ୍ୟରେ ମୁଁ କହିବାକୁ ଚାହୁଁଛି ଯେ ଦଳର ଅଫିସ ଭିତରୁ ମୋ ବିରୋଧରେ ମିଛର ପ୍ରଚାର କରାଯାଇଛି। ଏହି ମିଛ ପ୍ରଚାର ସତ୍ତ୍ୱେ ମୋ ନିଜ ଭାଇ ତଥା କାର୍ଯ୍ୟକାରୀ ସଭାପତିଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏଥିରୁ ମୁଁ ମୋ ସ୍ଥିତିକୁ ବୁଝି ଯାଇଛି।" ନିଜର ସମ୍ପର୍କୀୟ ଭାଇ ହରିଶ ରାଓ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସହ ମିଶି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିବା କିବତା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଦିଲ୍ଲୀ ଟ୍ରିପ ବେଳେ ହରିଶ ରାଓ ଯେତେବେଳେ ରେଭନ୍ତଙ୍କ ପାଦ ଛୁଇଁ ଥିଲେ ସେତେବେଳେ ଷଡ଼ଯନ୍ତ୍ରର ମଞ୍ଜି ବୁଣା ଯିବା ଆରମ୍ଭ ହୋଇଥିଲା। ପୂର୍ବରୁ ହରିଶ ରାଓଙ୍କ ସହ ସମ୍ପର୍କ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀଙ୍କ ସହ ରହିଥିଲା। ହରିଶ ରାଓ ଜଣେ ଡବଲ ଶୁଟର। ସେ ଆଦୌ ଟ୍ରବୁଲ ଶୁଟର ନୁହନ୍ତି।" ହରିଶ ରାଓଙ୍କ ପାଣ୍ଠିର ଉତ୍ସ ଉପରେ ମଧ୍ୟ କବିତା ପ୍ରଶ୍ନ ଉଠାଇଛନ୍ତି। କାଳେଶ୍ୱରମ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିରେ ହରିଶ ରାଓ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଠେକେଇରୁ ଆୟ କରିଥିବା ଟଙ୍କା ବଳରେ ବିଧାୟକମାନଙ୍କୁ ନିଜ ଅଧୀନରେ ରଖିଛନ୍ତି। ଏପରି କି ଦଳର ଅନେକ ବରିଷ୍ଠ ନେତାଙ୍କ ବିରୋଧରେ ସେ ଷଡ଼ଯନ୍ତ୍ର କରିଥିଲେ ବୋଲି କବିତା ସାମ୍ବାଦିକ ସମ୍ମିଳନୀ ଅଭିଯୋଗ କରିଛନ୍ତି।

# କାରିବିଆନ ସାଗରରେ ଏକ ଜାହାଜ ଉପରେ ଆକ୍ରମଣ କଲା ଆମେରିକା, ୧୧ ମୃତ

ୱାଶିଂଟନ: ଦକ୍ଷିଣ କାରିବିଆନ ସାଗରରେ ଏକ ଜାହାଜ ଉପରେ ଆକ୍ରମଣ କରିଛି ଆମେରିକା । ଏହି ଆକ୍ରମଣରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦିନ କହିଛନ୍ତି ଯେ ଆମେରିକା ଏକ ଡ୍ରଗ୍ସ ପରିବହନକାରୀ ଜାହାଜ ଉପରେ ଆକ୍ରମଣ କରିଥିଲା ଯାହା ଭେନେଜୁଏଲାରୁ ଯାତ୍ରା କରିଥିଲା ଏବଂ ଟ୍ରେନ୍ ଡି ଆରାଗୁଆ ଗ୍ୟାଙ୍ଗ ଦ୍ୱାରା ପରିଚାଳିତ ହେଉଥିଲା । ଏଥିସହ ରାଷ୍ଟ୍ରପତି ମଧ୍ୟ କହିଛନ୍ତି ଯେ ଏହି ଅଭିଯାନରେ ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି ।

ଟ୍ରମ୍ପ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଏହି ଆକ୍ରମଣ ଅନ୍ତର୍ଜାତୀୟ ଜଳସୀମାରେ କରାଯାଇଥିଲା ଯେତେବେଳେ ଆତଙ୍କବାଦୀମାନେ ଆମେରିକା ଅଭିମୁଖେ ଅବୈଧ ଡ୍ରଗ୍ସ ଚୋରାଚାଲାଣ କରୁଥିଲେ । ଏହି ଆକ୍ରମଣରେ କୌଣସି ଆମେରିକୀୟ ସେନାର କ୍ଷତି ହୋଇନାହିଁ । ସେ କହିଛନ୍ତି ଯେ ଯେଉଁମାନେ ଆମେରିକାକୁ ଡ୍ରଗ୍ସ ଆଣିବାକୁ ଚିନ୍ତା କରୁଛନ୍ତି, ଦୟାକରି ଏହାକୁ ଏକ ଚେତାବନୀ ଭାବରେ ନିଅନ୍ତୁ । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ପୂର୍ବରୁ ଢ ରେ କହିଥିଲେ ଯେ ଜାହାଜଟି ଏକ ନିର୍ଦ୍ଦିଷ୍ଟ ''ନାର୍କୋ-ଆତଙ୍କବାଦୀ ସଂଗଠନ'' ଦ୍ୱାରା ପରିଚାଳିତ ହେଉଥିଲା । ସେ ଏହି ଅଭିଯାନକୁ "ମାରାତ୍ମକ ଆକ୍ରମଣ" ଭାବରେ ବର୍ଣ୍ଣନା କରିଥିଲେ ।

# ନୋଏଡା-ଗାଜିଆବାଦରେ ସ୍କୁଲ ବନ୍ଦ, ପ୍ରବଳ ବର୍ଷା ଯୋଗୁଁ ବିମାନ ସେବା ପ୍ରଭାବିତ



ନୂଆଦିଲ୍ଲୀ : ଉତ୍ତର ଭାରତରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ପାଣିପାଗ ବିଭାଗ ଚେତାବନୀ ଦେଖି, ନୈନିତାଲ, ଶିମଲା, ଚଣ୍ଡୀଗଡ, ଗାଜିଆବାଦ ଏବଂ ଗୌତମବୁଦ୍ଧ ନଗରରେ ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରବଳ ବର୍ଷା ଯୋଗୁଁ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି । ଖରାପ ପାଣିପାଗ ଯୋଗୁଁ ଦିଲ୍ଲୀରୁ ଲେହ ଯାଉଥିବା ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି । ଲେହରେ ମଧ୍ୟ ପାଗ ଖରାପ ରହିଛି । ପାଣିପାଗ ବିଭାଗ ପକ୍ଷରୁ ରେଡ ଆଲର୍ଟ ଦିଆଯାଇଛି । ଜମ୍ମୁ କଶ୍ମୀର, ଲାଦାଖ, ହିମାଚଳ ପ୍ରଦେଶ, ହରିୟାଣା, ପଞ୍ଜାବ ଇତ୍ୟାଦିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଦିଲ୍ଲୀ ଏନସିଆରରେ ଲଗାତାର ବର୍ଷା ଯୋଗୁଁ ରାସ୍ତା ପାଣିରେ ବୁଡ଼ି ରହିଛି । ଯାତାୟତ ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି ଲୋକ । ତେଣୁ ପ୍ରଶାସନ ଲୋକଙ୍କୁ ଘରେ ରହିବାକୁ ଅପିଲ୍ କରିଛି । ଗୁରୁଗ୍ରାମରେ ପ୍ରବଳରୁ ପ୍ରବଳ ବର୍ଷା ହେବା କାରଣରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । କିନ୍ତୁ ଏହାକୁ ନେଇ ଏଯାଏଁ ସ୍କୁଲ ପ୍ରଶାସନ କୌଣସି ଆଡଭାଇଜରୀ ଜାରି କରିନାହିଁ । ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲାରେ ଲଗାତାର ବର୍ଷା ଏବଂ ଭୂସ୍ଖଳନ ଭଳି ସ୍ଥିତି ଦେଖି ସମସ୍ତ ଶିକ୍ଷାନୁଷ୍ଠାନକୁ ୩ ସେପଟେମ୍ବରରେ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ହିମାଚଳ ପ୍ରଦେଶ ଶିମଲାରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାରେ ପାଣି ଭରିବା ସହିତ ଭୂସ୍ଖଳନ ଘଟଣା ବଢିବାରେ ଲାଗିଛି । ସେହିପରି ଚଣ୍ଡୀଗଡରେ ମଧ୍ୟ ବର୍ଷାକୁ ଦେଖି ସମସ୍ତ ସ୍କୁଲକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରବଳ ବର୍ଷା କାରଣରୁ ସହରରେ ଟ୍ରାଫିକ ଜାମ୍ ସମସ୍ୟା ବଢିପାରେ । ତେଣୁ କାମ ନଥିଲେ ବାହାରକୁ ବାହାରିବାକୁ ମନା କରିଛି ପ୍ରଶାସନ ।

# ଅର୍ଦ୍ଧକୁଆଁରୀ ନିକଟରେ ଭୟଙ୍କର ଭୂସ୍ଖଳନ, ଦୁର୍ଘଟଣାରେ ଶିକାର ହେଲେ ଏକ ପରିବାର



ଜମ୍ମୁ ଓ କାଶ୍ମୀର: ଜମ୍ମୁ ଓ କାଶ୍ମୀରର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେଉଛି । ବିଶେଷକରି ଜମ୍ମୁ ଡିଭିଜନରେ ପରିସ୍ଥିତି ବହୁତ ଖରାପ । ଆକସ୍ମିକ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଛି । ରାସ୍ତାଠାରୁ ଘର ପର୍ଯ୍ୟନ୍ତ ସବୁକିଛି ନଷ୍ଟ ହୋଇଯାଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ମାତା ବୈଷ୍ଣୋ ଦେବୀ ଯାତ୍ରା ମାର୍ଗରେ ବିପର୍ଯ୍ୟୟ ସୃଷ୍ଟି କରିଛି । ଅର୍ଦ୍ଧକୁଆଁରୀ ନିକଟରେ ଭୂସ୍ଖଳନ ବହୁତ କ୍ଷତି କରିଛି । ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି ଅନେକ ଲୋକ । ଦିଲ୍ଲୀର ବୁରାରୀ ଅଞ୍ଚଳର ଏକ ପରିବାର ମଧ୍ୟ ଅର୍ଦ୍ଧକୁଆଁରୀ ଦୁର୍ଘଟଣାର ଶିକାର ହୋଇଛନ୍ତି । ଏଥିସହ ଜାଣିରଖନ୍ତୁ ଯେ, ଦୁଇ ବର୍ଷ ପୁଅର ଚୁଟି ପକାଇବାକୁ ଯାଇଥିବା ପିତାମାତାଙ୍କ ଇଚ୍ଛା ଅସପୂର୍ଣ୍ଣ ରହିଗଲା । ଏହି ଦୁର୍ଘଟଣାରେ ସେମାନଙ୍କର ମୃତ୍ୟୁ ଘଟିଛି । ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ଘଟଣା । ଉତ୍ତର ଦିଲ୍ଲୀର ବୁରାଡିର ୧୬ ଜଣିଆ ପରିବାର ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ । ଏହି ଯାତ୍ରାର ଉଦ୍ଦେଶ୍ୟ ଥିଲା ଦୁଇ ବର୍ଷର ଶିଶୁ ଆୟାଂଶର ମୁଣ୍ଡନ ଉତ୍ସବ ଏବଂ ପରିବାରର ପ୍ରଥମ ବୈଷ୍ଣୋ ଦେବୀ ଦର୍ଶନ । କିନ୍ତୁ ଫେରିବା ପୂର୍ବରୁ ଏକ ଭୂସ୍ଖଳନ ସମଗ୍ର ପରିବାରର ଖୁସିକୁ ଶୋକରେ ପରିଣତ କରିଥିଲା । ୪୦ ବର୍ଷୀୟ ରାଜା ଏହି ଯାତ୍ରାର ଦାୟିତ୍ୱ ନେଇଥିଲେ । ପେଶାରେ ଜଣେ ମାଳୀ ରାଜା ଅଗଷ୍ଟ ୨୩ ତାରିଖରେ ତାଙ୍କ ପତ୍ନୀ ପିଙ୍କି, ଝିଅ ଦୀପାଂଶୀ ଏବଂ ଆରୋହୀ, ପୁଅ ଆୟାଂଶ ଏବଂ ପରିବାରର ଅନ୍ୟ ୧୧ ସଦସ୍ୟଙ୍କ ସହିତ ମାତା ବୈଷ୍ଣୋ ଦେବୀଙ୍କ ତୀର୍ଥଯାତ୍ରା ପାଇଁ ବାହାରିଥିଲେ । ବାଟରେ, ରାଜାଙ୍କ ମାତା ରାମ କୁମାରୀ ଏବଂ ସାନ ଝିଅ ଆରୋହୀଙ୍କୁ ଏକ ପାଲକିରେ ଆଗକୁ ପଠାଯାଇଥିଲା । ପଛରେ ଚାଲୁଥିବା ଅନ୍ୟ ସଦସ୍ୟମାନେ ହଠାତ୍ ଭୂସ୍ଖଳନରେ ଫସି ଯାଇଥିଲେ । ଦୁର୍ଘଟଣା ସମୟରେ ରାମ କୁମାରୀ ତାଙ୍କ ନାତି ଯଶଙ୍କୁ ଡାକି କାନ୍ଦି କାନ୍ଦି କହିଲେ, 'ପୁଅ, ଏକ ଦୁର୍ଘଟଣା ଘଟିଛି... ମୁଁ କାହାକୁ ପାଇପାରୁନାହିଁ । ଏହି ଖବର ଦେଖୁଥିବା ସମୟରେ ଯଶ ପ୍ରଥମ ଥର ପାଇଁ ତାଙ୍କ ଆହତ ସମ୍ପର୍କୀୟଙ୍କୁ ହସ୍ପିଟାଲରେ ଦେଖିଲେ । ଏହା ପରେ ସେ ଅନୁଭବ କଲେ ଯେ ସମ୍ପୂର୍ଣ୍ଣ ପରିବାରର ଆଉ କେହି ଏହି ଦୁନିଆରେ ନାହାଁନ୍ତି । ପରଦିନ କଟରା ପହଞ୍ଚିଥିବା ଯଶ ପ୍ରଥମେ ହସ୍ପିଟାଲରେ କେବଳ ଆୟାଂଶଙ୍କ ନାମ ପାଇଲେ ଯାହାକୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ପରିବାରର ଅନ୍ୟ ସଦସ୍ୟଙ୍କୁ ଖୋଜିବା ପାଇଁ ତାଙ୍କୁ ଶବଗୃହକୁ ଯିବାକୁ ପଡିଲା । ଚିହ୍ନଟ ପ୍ରକ୍ରିୟା ବହୁତ ଯନ୍ତ୍ରଣାଦାୟକ ଥିଲା । ଏକ ରିପୋର୍ଟ ଅନୁଯାୟୀ, ଯଶ କହିଥିଲେ ଯେ, ମୁଁ ପିଙ୍କି ଭାବୀଙ୍କୁ ତାଙ୍କ ଲମ୍ବା କେଶ ଦେଖି ଚିହ୍ନିପାରିଲି, ମୁଁ ତୁରନ୍ତ ଦୀପାଂଶୀଙ୍କୁ ଚିହ୍ନିପାରିଲି । କିନ୍ତୁ, ରାଜା ମାମାଙ୍କ ମୁହଁ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଥିଲା । ଶେଷରେ ତାଙ୍କ ପାଦ ଏବଂ ଆଙ୍ଗୁଠି ଦେଖି ମୁଁ ତାଙ୍କୁ ଚିହ୍ନିପାରିଲି ।' ଏଥିସହ ଜାଣିରଖନ୍ତୁ ଯେ, ଏବେ ପରିବାର ଆତଙ୍କିତ ଅବସ୍ଥାରେ ଅଛି । ବୁରାଡିର ଘରେ ନୀରବତା ରହିଛି । ଆୟାଂଶକୁ ଆଇସିୟୁରେ ଭର୍ତ୍ତି କରାଯାଇଛି କିନ୍ତୁ ତାଙ୍କ ଅବସ୍ଥା ସ୍ଥିର ଅଛି । ଏହିପରି ଭାବରେ ପରିବାରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ।

# ଦିନିକିଆରେ ସିକନ୍ଦର ରାଜା ନମ୍ବର-୧ ଅଲରାଉଣ୍ଡର




ନୂଆଦିଲ୍ଲୀ,୩।୯: ଆଜି ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ତାହାର ସଦ୍ୟତମ ରାଙ୍କିଙ୍ଗ ପ୍ରକାଶ କରିଛି, ଯେଉଁଥିରେ ଦିନିକିଆ ଅଲରାଉଣ୍ଡର ରାଙ୍କିଙ୍ଗରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଆଫଗାନିସ୍ତାନ ଖେଳାଳି ଆଜମତୁଲ୍ଲା ଉମରଜାଇ ପ୍ରଥମ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ତାଙ୍କ ସ୍ଥାନରେ ଜିମ୍ବାବେର ସିକନ୍ଦର ରାଜା ସ୍ଥାନ ପାଇଛନ୍ତି, ଯିଏ ୩୦୨ ରେଟିଂ ସହିତ ଦିନିକିଆରେ ବିଶ୍ୱର ନୂତନ ନମ୍ବର-୧ ଅଲରାଉଣ୍ଡର ହୋଇଛନ୍ତି।୩୯ ବର୍ଷୀୟ ସିକନ୍ଦର ରାଜା ଗତ ସପ୍ତାହରେ ଶ୍ରୀଲଙ୍କା ବିପକ୍ଷରେ ୨ଟି ଦିନିକିଆରେ ଚମତ୍କାର ବ୍ୟାଟିଂ କରିଥିଲେ ୨୯ ଅଗଷ୍ଟରେ ଖେଳାଯାଇଥିବା ମ୍ୟାଚରେ ସେ ୯୨ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଯଦିଓ ଏହା ସତ୍ତ୍ୱେ ଜିମ୍ବାୱେ ଜିତିପାରି ନଥିଲା, କିନ୍ତୁ ଦଳ ବିଜୟର ବହୁତ ନିକଟତର ହୋଇଥିଲା। ୨୯୯ ରନର ପିଛା କରି ଜିମ୍ବାବେ ଲକ୍ଷ୍ୟଠାରୁ ମାତ୍ର ୮ ରନ ପଛରେ ଥିଲା। ଏହା ପରେ, ରାଜା ୩୧ ଅଗଷ୍ଟରେ ଖେଳାଯାଇଥିବା ମ୍ୟାଚରେ ଅପରାଜିତ ୫୯ ରନ କରିଥିଲେ, ଏଥିରେ ମଧ୍ୟ ଶ୍ରୀଲଙ୍କାଠାରୁ ଦଳ ସହଜରେ ଜିତି ପାରି ନଥିଲା ସିକନ୍ଦର ରାଜା ପୂର୍ବରୁ ଦିନିକିଆ ଅଲରାଉଣ୍ଡର ରାଙ୍କିଙ୍ଗରେ ତୃତୀୟ ସ୍ଥାନରେ ଥିଲେ, କିନ୍ତୁ ଏହି ଦୁଇଟି ଇନିଂସ ତାଙ୍କୁ ଶୀର୍ଷରେ ପହଞ୍ଚାଇଛି। ସେ ଆଫଗାନିସ୍ତାନର ଅଲରାଉଣ୍ଡର ଖେଳାଳି ଆଜମତୁଲ୍ଲା ଉମରଜାଇଙ୍କ ଠାରୁ ଏହି ମୁକୁଟ ଛଡ଼ାଇ ନେଇଛନ୍ତି, ଯିଏ ଏବେ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଆଇସିସି ଏକଦିବସୀୟ ଅଲରାଉଣ୍ଡର ରାଙ୍କିଙ୍ଗରେ ଶ୍ରେଷ୍ଠ-୫ ବ୍ୟାଟସମ୍ୟାନ୍

ସିକନ୍ଦର ରାଜା (ଜିମ୍ବାବେ) - ୩୦୨ ରେଟିଂ। ଆଜାମତୁଲ୍ଲା ଉମରଜାଇ (ଆଫଗାନିସ୍ତାନ) - ୨୯୬ ରେଟିଂ। ମହମ୍ମଦ ନବି (ଆଫଗାନିସ୍ତାନ) - ୨୯୨ ରେଟିଂ।ମେହଦି ହାସନ ମିରାଜ (ବାଂଲାଦେଶ) - ୨୪୯ ରେଟିଂ।ମାଇକେଲ୍ ବ୍ରେସଲେ (ନ୍ୟୁଜିଲାଣ୍ଡ) - ୨୪୬ ରେଟିଂ। ରବୀନ୍ଦ୍ର ଜାଡେଜା ଟେଷ୍ଟ ଫର୍ମାଟରେ ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ଅଛନ୍ତି ଓ ଏହି ତାଲିକାର ଶୀର୍ଷ-୧୦ରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ। ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ନମ୍ବର-୧ ଟି-୨୦ ଅଲରାଉଣ୍ଡର ତାଙ୍କର ୨୫୨ ରେଟିଂ ପଏଣ୍ଟ ଅଛି। ତଥାପି, ଆଫଗାନିସ୍ତାନର ମହମ୍ମଦ ନବି ଗୋଟିଏ ପଏଣ୍ଟ ବୃଦ୍ଧି ପାଇଛି, ସେ ଏବେ ଟି୨୦ ଅଲରାଉଣ୍ଡର ରାଙ୍କିଂରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି ଏବଂ ନେପାଳର ଦୀପେନ୍ଦ୍ର ସିଂହ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି।

## ଜାତୀୟ କିକ ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶା ଓ ଜଗତସିଂହପୁର ଜିଲ୍ଲା ଖେଳାଳିଙ୍କ ସଫଳତା

ପାରାଦୀପ,୩।୯(ଏଜେନ୍ସି) ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ, ଇଣ୍ଡିଆ ଅଲମ୍ପିକ ଆସୋସିଏସନ ଏବଂ ଆମେଚର କିକ ବକ୍ସିଂ ମିଳିତ ସହଯୋଗରେ ଆୟୋଜିତ ଜାତୀୟ କିକ ବକ୍ସିଂ ପ୍ରତିଯୋଗିତା ଅଗଷ୍ଟ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନାଇ ସ୍ଥିତ ନେତାଜୀ ଇଣ୍ଡୋର ଷ୍ଟାଡିଅମରେ ଆୟୋଜିତ ହୋଇଯାଇଛି। ଏହି ଜାତୀୟ କିକ ବକ୍ସିଂ ପ୍ରତିଯୋଗିତାରେ ଓଡିଶାର ଖେଳାଳି ମାନେ ଚମତ୍କାର ପ୍ରଦର୍ଶନ କରି ୪୬ଟି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ରୁ ୨୨୧ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡିଶାର ଜଗତସିଂହପୁର ଜିଲ୍ଲାର ଖେଳାଳି ମାନେ ଜାତୀୟ ସ୍ତରରେ ଅନେକ ପ୍ରତିଯୋଗୀ ମାନଙ୍କୁ ପରାସ୍ତ କରି ୨ ଟି ରୋପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଆଣିବାରେ ସକ୍ଷମ ହେବା ସହ ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏହି ପ୍ରତିଯୋଗିତାରେ ଜିଲ୍ଲାର।

## ୯ରୁ ଏସିଆ କପ୍ କ୍ରିକେଟ

# ଆଜି ଭାରତୀୟ ଦଳର ଦୁବାଇ ଯାତ୍ରା

ମୁମ୍ବାଇ,୩।୯(ଏଜେନ୍ସି): ୟୁଏଇରେ ଚଳିତ ମାସ ୯ରୁ ଆରମ୍ଭ ହେବାକୁ ଯାଉଥିବା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତା ଲାଗି ୧୫ଜଣିଆ ଭାରତୀୟ ଦଳର ଖେଳାଳିମାନେ ଆସନ୍ତାକାଲି ଦୁବାଇରେ ଏକାଠି ହେବେ। ଏକାଠି ଯିବା ପରିବର୍ତ୍ତେ ନିଜ ନିଜ ସହରରୁ ପର୍ଯ୍ୟାୟକ୍ରମେ ସେଠାରେ ପହଞ୍ଚିବେ। ଗୁରୁବାର ସଂଧ୍ୟାସୁଦ୍ଧା ଖେଳାଳିମାନେ ପହଞ୍ଚିବା ପରେ ଶୁକ୍ରବାରଠାରୁ ଦୁବାଇସ୍ଥିତ ଆଇସିସି ଏକାଡେମିରେ ଅଭ୍ୟାସ ଆରମ୍ଭ କରିବେ ୫ଦିନର ଅଭ୍ୟାସ ପରେ ପ୍ରଥମ ମ୍ୟାଚ୍‌ରେ ୧୦ ତାରିଖ ଦିନ ୟୁଏଇକୁ ଭେଟିବେ।




ଭାରତୀୟ ଦଳ ତାର ଦ୍ୱିତୀୟ ତଥା ପରବର୍ତ୍ତୀ ମ୍ୟାଚ୍ ସେପ୍ଟେମ୍ବର ୧୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌କୁ ନେଇ ଏବେ ବି ସଂଶୟ ଜାରି ରହିଥିଲାବେଳେ ଭାରତ ସରକାର ଏହାକୁ ବିରୋଧ କରିବେ ନାହିଁ ବୋଲି ସଙ୍କେତ ମିଳିଛି। ଯାହା ବିସିସିଆଇ ପାଇଁ ଆଶ୍ୱସ୍ତିକର ଖବର ହୋଇଛି ସୁପର-୪ ପର୍ଯ୍ୟାୟ ଆରମ୍ଭ ହେବା ପୂର୍ବରୁ ଟିମ୍ ଇଣ୍ଡିଆ ୧୯ ତାରିଖରେ ନିଜ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ଓମାନକୁ ଭେଟିବ।

ଏସିଆ କପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଯଥାକ୍ରମେ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ପାଇଁ ଦଲୀପ ଟ୍ରଫି କ୍ୱାର୍ଟରଫାଇନାଲ୍ ଖେଳିଥିଲେ। ସ୍ପିନର କୁଲଦୀପ ଯାଦବ ମଧ୍ୟ କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିଛନ୍ତି। ଯେହେତୁ କ୍ୱାର୍ଟରଫାଇନାଲ୍ ଶେଷ ହୋଇଯାଇଛି। ତେଣୁ ସେମାନଙ୍କର ଦୁବାଇ ପହଞ୍ଚିବା ସୂଚୀ ଉପରେ କେଣସି ପ୍ରଭାବ ପକାଇବ ନାହିଁ ବୋଲି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି। ସେହିଭଳି ସଂରକ୍ଷିତ ଖେଳାଳି ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ୱାସିଂଟନ୍ ସୁନ୍ଦର ଭାରତୀୟ ଦଳ ସହ ଦୁବାଇ ଗସ୍ତ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଛନ୍ତି।

## ସୋଆ ପକ୍ଷରୁ ମିନି ମାରାଥନ

ଭୁବନେଶ୍ୱର,୩।୯: କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଦିନ ମିନି ମାରାଥନ ଆୟୋଜିତ ହୋଇଥିଲା। ୨୦୧୨ ମସିହାରୁ ସାରା ଦେଶରେ ଅଗଷ୍ଟ ୨୯ ତାରିଖ ଦିନ ମେଜର ଧ୍ୟାନଚନ୍ଦଙ୍କ ଜନ୍ମ ଦିନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଆସୁଛି।

ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନ ବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶୁକ୍ରବାର ସୋଆ। କ୍ୟାମ୍ପସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଆୟୋଜିତ ମିନି ମାରାଥନ୍‌ରେ ସୋଆ। ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଫ୍ଲାଗ-ଅଫ୍ କରି ମାରାଥନ୍‌ର ଶୁଭାରମ୍ଭ କରିଥିଲେ।

# ୪ ବର୍ଷ ପରେ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟରରେ ଓସାକା

ନ୍ୟୁୟର୍କ,୩।୯: ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟର ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଟପ ସିଡ୍ ଜାନିକ ସିନରଙ୍କ ସମେତ ଫେଲିକ୍ସ ଅଗର- ଆଲିଆସେମ, ଲରେଞ୍ଜୋ ମୁସେଟ୍ଟି, ଇଗା ସ୍ୱିଟେକ, ନାଓମି ଓସାକା ପ୍ରମୁଖ ବିଜୟ ଜାରି ରଖି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଟାଇଟଲ ଦୌଡ଼ରୁ ଅନ୍ୟତମ ଟାଇଟଲ ଦାବିଦାର ତଥା ଘରୋଇ ଷ୍ଟାର୍ କୋକୋ ଗୌଫଙ୍କ ଅଭିଯାନ ଶେଷ ହୋଇଛି।

ମହିଳା ସିଙ୍ଗଲ୍ସ: ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ସ୍ୱିଟେକ ୬-୩, ୬-୧ ସେଟ୍‌ରେ ୧୩ତମ ସିଡ୍ ଏକତାରିନା ଆଲେକଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ମାତ୍ର ୬୪ ମିନିଟ୍ ଲାଗିଥିଲା। ଏହି ମ୍ୟାଚ୍‌ରେ ସେ ୫ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ। ସେ କ୍ୱାର୍ଟରରେ ଅଷ୍ଟମ ସିଡ୍ ଆମଣ୍ଡା ଆନିସିମୋଭାଙ୍କୁ ଭେଟିବେ। ଆନିସିମୋଭା ଚତୁର୍ଥ ରାଉଣ୍ଡରେ ୧୮ତମ ସିଡ୍ ବିଟ୍ରିଜ ହାଦାଦ ମାୟାଙ୍କୁ ୬-୦, ୬-୩ ସେଟ୍‌ରେ ହରାଇଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଆନିସିମୋଭାଙ୍କୁ ୭୫ ମିନିଟ୍ ଲାଗିଥିଲା।

୧୧ତମ ସିଡ୍ କାରୋଲିନା ମୁଚୋଭା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୨୭ତମ ସିଡ୍ ମାର୍ତା କୋସ୍ତ୍ୟୁକଙ୍କୁ ୬-୩, ୬-୭(୦- ୭), ୬-୩ ସେଟ୍‌ରେ ହରାଇଥିଲେ। ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ୨ଘଣ୍ଟା ୫୩ ମିନିଟ୍ ଲାଗିଥିଲା। ସେ କ୍ୱାର୍ଟର ଫାଇନାଲ୍‌ରେ ନାଓମି ଓସାକାଙ୍କୁ ଭେଟିବେ। ୨୩ତମ ସିଡ୍ ଓସାକା ଚତୁର୍ଥ ରାଉଣ୍ଡ୍‌ରେ ତୃତୀୟ ସିଡ୍ କୋକୋ ଗୌଫଙ୍କୁ ୬-୩, ୬-୨ ସେଟ୍‌ରେ ହରାଇଥିଲେ।ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ୬୪ ମିନିଟ୍ ଲାଗିଥିଲା। ୪ବର୍ଷ ପରେ ଓସାକା କୌଣସି ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ ୨୦୨୧ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିଅନ୍ ହେବା ପରଠୁ ସେ ତୃତୀୟ ରାଉଣ୍ଡ୍‌ରୁ ଉପରକୁ ଉଠି ପାରୁ ନଥିଲେ ଆଜି ଗୌଫଙ୍କ ବିପକ୍ଷରେ ସେ ୪ଟି ବ୍ରେକ୍ ପଏଣ୍ଟ ହାସଲ କରିବା ଫଳରେ ବିଜୟ ସହଜ ହୋଇଥିଲା।

ପୁରୁଷ ସିଙ୍ଗଲ୍ସ: ଟପ ସିଡ୍ ଜାନିକ ସିନର ୬-୧, ୬-୧, ୬-୧ ସେଟ୍‌ରେ ୨୩ତମ ସିଡ୍ ଆଲେକଜାଣ୍ଡର ବବଲିକଙ୍କୁ ପରାସ୍ତ କରିଥିଲେ ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ୧ ଘଣ୍ଟା ୨୧ମିନିଟ୍ ଲାଗିଥିଲା। ସେ ୩ଟି ସେଟ୍‌ରେ ମୋଟ୍ ୮ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ କ୍ୱାର୍ଟର ଫାଇନାଲ୍‌ରେ ସିନର ନିଜ ଦେଶର ଖେଳାଳି ଲରେଞ୍ଜୋ ମୁସେଟ୍ଟିଙ୍କୁ ଭେଟିବେ ଦଶମ ସିଡ୍ ମୁସେଟ୍ଟି ୬-୩, ୬-୦, ୬-୧ ସେଟ୍‌ରେ ସ୍ପେନର ଜାଉମେ ମୁନାରଙ୍କୁ ହରାଇଥିଲେ। ତାଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ୧ଘଣ୍ଟା ୩୭ ମିନିଟ୍ ଲାଗିଥିଲା। ସେ ମଧ୍ୟ ୭ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ। ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିଆସେମ ୭-୫, ୬-୩, ୬-୪ ସେଟ୍‌ରେ ୧୫ତମ ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ହରାଇଥିଲେ। ଏହି ମ୍ୟାଚ ଜିତିବା ପାଇଁ ଆଲିଆସେମଙ୍କୁ ୨ଘଣ୍ଟା ୧୬ ମିନିଟ ଲାଗିଥିଲା ସେ କ୍ୱାର୍ଟରରେ ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ ଅଷ୍ଟମ ସିଡ୍ ମିନାଉର ଚତୁର୍ଥ ରାଉଣ୍ଡ୍‌ରେ ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଡିଙ୍କୁ ୬-୩,୬-୨, ୬-୧ ସେଟ୍‌ରେ ହରାଇଥିଲେ ମିନାଉରଙ୍କୁ ଏହି ମ୍ୟାଚ ଜିତିବା ପାଇଁ ୧ଘଣ୍ଟା ୩୩ମିନିଟ୍ ଲାଗିଥିଲା।

# ମୁଖ୍ୟ ପ୍ରାୟୋଜକ ପାଇଁ ବିସିସିଆଇର ବିଡ୍ ଆହ୍ୱାନ

## ଗେମିଂ ଓ କ୍ରିପ୍ଟୋ କଂପାନି ଉପରେ କଟକଣା

ମୁମ୍ବାଇ,୩।୯(ଏଜେନ୍ସି): ଡ୍ରିମ୍ ଇଲେଭେନ୍ ଓହରି ଯିବା ପରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ଲାଗି ବିସିସିଆଇ ସାନି ବିଡ୍ ଆହ୍ୱାନ କରିଛି। ତେବେ ଏହି ପ୍ରକ୍ରିୟାରୁ ଅନ୍‌ଲାଇନ୍ ମନି ଗେମିଂ ଓ କ୍ରିପ୍ଟୋ କରେନ୍ସି କଂପାନିଗୁଡ଼ିକୁ ବାଦ୍ ଦିଆଯାଇଛି। ଅର୍ଥାତ ଏହି କ୍ଷେତ୍ରରେ କାମ କରୁଥିବା କଂପାନିମାନେ ଏଣିକି ଆଉ ଭାରତୀୟ ଦଳର ପ୍ରାୟୋଜକ ହୋଇପାରିବେ ନାହିଁ ଅନ୍‌ଲାଇନ୍ ମନି ଗେମିଂକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ନୂଆ ଆଇନ ଆଣିବା ପରେ ବିସିସିଆଇ ଏଭଳି ପଦକ୍ଷେପ ନେଇଛି।




ଏହି ନିୟମ ଆସିବା ପରେ ମଧ୍ୟ ଡ୍ରିମ୍ ଇଲେଭେନ୍ ଓ ମାଇଁଇଲେଭେନ୍ ସର୍କଲ, ଆଇପିଏଲ୍ ଭଳି ଟ୍ୱେଣ୍ଟି-୨୦ ପ୍ରତିଯୋଗିତା ସହ ଅନ୍ୟାନ୍ୟ ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍‌କୁ ନେଇ କରୁଥିବା ଅନ୍‌ଲାଇନ୍ ମନି ଗେମିଂ ପ୍ରତିଯୋଗିତାକୁ ବନ୍ଦ କରିବାକୁ ମଧ୍ୟ ବାଧ ହୋଇଛନ୍ତି। ଉଭୟ କଂପାନି ମଧ୍ୟ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି।ତେବେ ଏହି ଅନ୍‌ଲାଇନ୍ ଗେମିଂ ଖେଳି କାଙ୍ଗାଳ ହେବା ପରେ ଆତ୍ମହତ୍ୟାକୁ ଅନ୍ତିମ ପଥ ଭାବେ ବାଛି ନେଉଥିବା ଯୁବବର୍ଗ ପାଇଁ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଖବର ହୋଇଛି।

ଡ୍ରିମ୍ ଇଲେଭେନ୍ ଓ ମାଇଁଇଲେଭେନ୍ ସର୍କଲ ଭାରତୀୟ ଦଳ ସହ ଆଇପିଏଲ୍‌ର ପ୍ରାୟୋଜକ ଭାବେ ବିସିସିଆଇକୁ ବାର୍ଷିକ ୧,୦୦୦ କୋଟିରୁ ଅଧିକ ଟଙ୍କା ଦେଉଥିଲେ। ବିସିସିଆଇ ଟେଣ୍ଡର୍ ପେପର୍ କିଣିବା ଲାଗି ଶେଷ ତାରିଖ ୧୨ ତାରିଖ ଧାର୍ଯ୍ୟ କରିଛି। ସେହିଭଳି ବିଡ୍ ଦାଖଲ କରିବାର ଶେଷ ତାରିଖ ୧୬ ତାରିଖ ରହିଛି। ତେବେ ଅନ୍‌ଲାଇନ୍ ଗେମିଂକୁ ନେଇ ସରକାର ଅଣୁଥିବା ନିୟମ ଅଧୀନରେ ଆସୁଥିବା କେଣସି କଂପାନି ବିଡିଂ ପ୍ରକ୍ରିୟାରେ ସାମିଲ ହୋଇ ପାରିବେ ନାହିଁ ବୋଲି ବିସିସିଆଇ ପ୍ରକାଶ କରିଥିବା ବିଜ୍ଞାପନରେ ସ୍ପଷ୍ଟ କରି ଦେଇଛି। ସେହିଭଳି ତମାଖୁ, ମଦ କଂପାନି ଗୁଡ଼ିକୁ ମଧ୍ୟ ବିଡ୍ ପ୍ରକ୍ରିୟାରୁ ଦୂରେଇ ରଖାଯାଇଛି।



ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ)ର ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ।

# ବାଙ୍କୀରେ ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣ

ବାଙ୍କୀ,୩।୯: ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲୁକାୟିତ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟ ରଖାଯାଇଛି ସେମାନଙ୍କର କ୍ରୀଡା ଦକ୍ଷତା ବିକାଶ କରିବା ପାଇଁ ଏହି ଖେଳ ମହୋତ୍ସବ ଚଳିତ ବର୍ଷ ଜାତୀୟ କ୍ରୀଡା ଦିବସରୁ ପଞ୍ଜୀକରଣ ଆରମ୍ଭ ହୋଇଛି, ଯାହା ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ।




ଏହି ପରିପ୍ରେକ୍ଷୀରେ ଆଜି କଟକଜିଲ୍ଲା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ ଗୃହ ଠାରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳର ଖେଳାଳି ପଞ୍ଜୀକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିବା ସହିତ ଏହି କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥି ଭାବେ ବାଙ୍କୀ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦାନ କରି କହିଥିଲେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀ ଓ ଯୁବକମାନେ ୧୬ବର୍ଷରୁ କମ୍ ବୟସ ପର୍ଯ୍ୟନ୍ତ ବାଳକବାଳିକା କନିଷ୍ଠ ବିଭାଗ ଏବଂ ୧୬ରୁ ୨୫ବର୍ଷ ପର୍ଯ୍ୟନ୍ତ ବରିଷ୍ଠ ବିଭାଗରେ ପଞ୍ଜୀକରଣ କରି ବିଭିନ୍ନ ଖେଳ ମାଧ୍ୟମରେ ସୁସ୍ଥ ଓ ଦକ୍ଷ ହୋଇ ପାରିବେ ବୋଲି ଶ୍ରୀ ଚକ୍ରବର୍ତ୍ତୀ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀର ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ଯୋଗଦାନ କରି ଖେଳକୁଦ, ବ୍ୟାୟାମ ଓ ଯୋଗ ପ୍ରତିଦିନ କରାଗଲେ ସୁସ୍ଥ ନିରାମୟ ଜୀବନ ହୋଇପାରିବ। ସେଥିପାଇଁ ସାଂସଦ ଖେଳ ମହୋତ୍ସବ କେନ୍ଦ୍ର ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଉପଜିଲ୍ଲାପାଳ ଶ୍ରୀ ବେହେରା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ତଥା ବାଙ୍କୀ କଲେଜ କ୍ରୀଡା କ୍ଲବର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀମାନେ କ୍ରିକେଟ, ଫୁଟବଲ୍, ଭଲିବଲ୍, ଖୋ-ଖୋ, କବାଡି, ଦୌଡକୁଦ, କୁସ୍ତି, ଯୋଗ ଓ ଛାତ୍ରୀମାନଙ୍କ ପାଇଁ ପୁଚି ଓ ଦୌଡି ଡିଆଁ ଆଦି କ୍ରୀଡ଼ାରେ ନିଜର ନାମ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ, ଅଧ୍ୟାପକ ଅଦ୍ୱୈୟ ପ୍ରଧାନ, ଅଧ୍ୟାପକ ନରେଶ ବେହେରା, ଜିତେନ୍ଦ୍ର ଦେଓ ଓ ଶୁଭେନ୍ଦୁ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱକପ୍ ଲାଗି ୧୫ଜଣିଆ ଟିମ୍ ଘୋଷଣା କଲା ସାଉଥ ଆଫ୍ରିକା

ନୂଆଦିଲ୍ଲୀ,୩।୯: ସାଉଥ ଆଫ୍ରିକା ୱାନଡେ ବିଶ୍ୱକପ ଲାଗି ୧୫ଜଣିଆ ସଦସ୍ୟ ଟିମର ଘୋଷଣା କରିଛି ଆଇସିସି ମହିଳା ବିଶ୍ୱକପର ଆରମ୍ଭ ସେପ୍ଟେମ୍ବର ୩୦ରୁ ହେବାକୁ ଯାଉଛି। ଏଥର ବିଶ୍ୱକପର ନେତୃତ୍ୱ ଭାରତ କରୁଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଗୌହାଟୀରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ।ସେହିଭଳି ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ୨ନଭେମ୍ବରରେ ଖେଳାଯିବ।



ବିଶ୍ୱକପ୍ ୨୦୨୫ରେ ସାଉଥ ଆଫ୍ରିକାର ଟିମ୍ ଲୋରା ବୋଲ୍‌ୱାଇଟଙ୍କ ଅଧିନାୟକତ୍ୱରେ ଖେଳିବାକୁ ଓହ୍ଲାଇବ। ଏହି ଟିମରେ ପୂର୍ବତନ ଅଧିନାୟକ ସୁନେ ଲୁସଙ୍କୁ ବି ସାମିଲ କରାଯାଇଛି। ଏହା ବ୍ୟତୀତ ମରିଜ୍ୟାନ କପ୍ପ, ତାଜମିନ ବ୍ରିଟ୍ସ ଏବଂ କ୍ଲୋ ଟାୟନ ଭଳି ଅନୁଭବୀ ଖେଳାଳୀଙ୍କୁ ଟିମରେ ନିଆଯାଇଛି।

ସାଉଥ ଆଫ୍ରିକା ଟିମର ପୂର୍ବତନ ଅଧିନାୟକ ଡେନ ବାନ ନିଏକେର୍କଙ୍କୁ ବିଶ୍ୱକପ୍ ଲାଗି ଟିମରେ ସାମିଲ କରାଯାଇନାହିଁ। ଏହି ଖେଳାଳୀ ନିଜର ଆହତ କାରଣରୁ କ୍ରିକେଟରୁ ସନ୍ନ୍ୟାସ ନେଇଯାଇଥିଲେ। କିନ୍ତୁ ଦିନିକିଆ ବିଶ୍ୱକପ ଲାଗି ଡେନ ବାନ ନିଏକେର୍କ ନିଜ ରିଟାୟରମେଣ୍ଟ ପୁଣି ଫେରେଇ ନେଇଛନ୍ତି।ଏହା ବ୍ୟତୀତ ବି ଖେଳାଳୀଙ୍କୁ ୧୫ ସଦସ୍ୟ ଟିମରେ ସ୍ଥାନ ମିଳିପାରିନାହିଁ।

ସାଉଥ ଆଫ୍ରିକା ଟିମ୍‌ର କୋଚ ମଣ୍ଡଳା ମଶିମ୍ବୟୀ ଟିମର ଘୋଷଣା ପୂର୍ବରୁ ହିଁ ଏହା ସ୍ପଷ୍ଟ କରିଦେଇଥିଲେ କି ଡେନ ବାନ ନିଏକେର୍କଙ୍କୁ କେବଳ ସାଉଥ ଆଫ୍ରିକାର ଆଗାମୀ ସିରିଜରେ ହିଁ ସ୍ଥାନ ଦିଆଯିବ। ଏହା ସେତେବେଳେ ହେବ କି ସେ ଟିମରେ ସାମିଲ ହେବାକୁ ସବୁ କ୍ରାଇଟେରିଆ ପୂରା କରିବେ ଟିମ୍ ଘୋଷଣା ପୂର୍ବରୁ ହିଁ ସ୍ପଷ୍ଟ ଥିଲା କି ଏହି ଖେଳାଳୀଙ୍କୁ ବିଶ୍ୱକପ ଲାଗି ସାଉଥ ଆଫ୍ରିକାର ସ୍କ୍ୱାର୍ଡ଼ରେ ସାମିଲ କରାଯିବ ନାହିଁ।

ସାଉଥ ଆଫ୍ରିକା ସ୍କ୍ୱାର୍ଡ଼

ଲୋରା ବେଲ୍‌ୱାଇଟ(ଅଧୀନାୟକ), ଅୟାବେଗା ଖାକା, କ୍ଲୋ ଟ୍ରାୟନ, ନଦିନ ଡି କ୍ଲାର୍କ, ମାରିଜ୍ୟାନ କପ, ତାଜମିନ ବ୍ରିଟ୍ସ, ସିନାଲୋ ଜାପ୍ଟା, ନାନକୁଲୁଲେକେ ମ୍ଲାବା, ଏନେରୀ ଇର୍କସନ, ଏନେକେ ବଶ, ମସାବାତା କ୍ଲାସ, ସୁନେ ଲୁସ, କାରାବେ ମେସୋ, ତୁମି ସେଖୁଖୁନେ ଏବଂ ନୋଣ୍ଡୁମିସୋ ଶାଗାସେ।

# ବିକ୍ରି ହେଲା ସାର ଡନ୍ ବ୍ରାଡମ୍ୟାନଙ୍କ କ୍ୟାପ୍ ?

କାନବେରା,୩।୯: କ୍ରିକେଟ ଜଗତର ସର୍ବଶ୍ରେଷ୍ଠ କିମ୍ବଦନ୍ତୀମାନଙ୍କ ମଧ୍ୟରୁ ଜଣେ ଡନ ବ୍ରାଡମ୍ୟାନ ତାଙ୍କ ସମୟର ସର୍ବୋତ୍ତମ କ୍ରିକେଟର ଥିଲେ। ତାଙ୍କର ମୃତ୍ୟୁକୁ ଅନେକ ବର୍ଷ ବିତିଯାଇଥିବ, କିନ୍ତୁ ତାଙ୍କ ରେକର୍ଡ ଏବଂ ଖେଳିବା ଶୈଳୀ ଏବେ ବି କ୍ରିକେଟ କରିଡରରେ ଆଲୋଚନାର ବିଷୟ ହୋଇ ରହିଛି। ଏବେ, ଯେତେବେଳେ ଏହି କିମ୍ବଦନ୍ତୀଙ୍କ କ୍ୟାପ ନିଲାମ ପାଇଁ ଆସିଥିଲା, ଏହାକୁ ୨.୫୨ କୋଟି ଟଙ୍କାରେ କିଣାଯାଇଥିଲା ଏହା କୌଣସି ସାଧାରଣ କ୍ୟାପ ନୁହେଁ ବରଂ ୧୯୪୬-୪୭ ଆଶେସ ସିରିଜ ସମୟରେ ଡନ ବ୍ରାଡମ୍ୟାନ ପିନ୍ଧିଥିବା କ୍ୟାପ, ଯାହାକୁ ଅଷ୍ଟ୍ରେଲିଆର ଜାତୀୟ ସଂଗ୍ରହାଳୟ କିଣିଥିଲା।ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଅଷ୍ଟ୍ରେଲିଆର ଜାତୀୟ ସଂଗ୍ରହାଳୟ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଡନ ବ୍ରାଡମ୍ୟାନଙ୍କ କ୍ୟାପ କିଣିବା ପାଇଁ ବିପୁଳ ପରିମାଣରେ ଅର୍ଥ ଖର୍ଚ୍ଚ କରିଥିଲା। ସଂଗ୍ରହାଳୟ ଏହାକୁ ୪୩୮,୫୦୦ ରେ କିଣିଥିଲା, ଯାହା ଭାରତୀୟ ଟଙ୍କାରେ ପ୍ରାୟ ୨.୫୨ କୋଟି ଟଙ୍କା। ସାର୍ ଡନ ବ୍ରାଡମ୍ୟାନ ୧୯୪୬-୪୭ ଆଶେସ ସିରିଜ ସମୟରେ ଅଷ୍ଟ୍ରେଲିଆର ଅଧିନାୟକତ୍ୱ କରୁଥିବା ସମୟରେ ଏହି କ୍ୟାପ ପିନ୍ଧିଥିଲେ, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ସିରିଜ ଥିଲା। ଏହି ସିରିଜରେ ଅଷ୍ଟ୍ରେଲିଆ। ଚମତ୍କାର ପ୍ରଦର୍ଶନ କରିଥିଲା ଏବଂ ଟେଷ୍ଟ ସିରିଜକୁ ୩-୦ରେ ଜିତିଥିଲା ଏହି ସିରିଜ ନିସନ୍ଦେହରେ ଅଷ୍ଟ୍ରେଲିଆ। କ୍ରିକେଟର ଗୌରବମୟ ଇତିହାସର ସାକ୍ଷୀ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ